୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.48 Bhubaneswar Monday March 25 2024 | ୨୬ତମ ବର୍ଷ ସଂଖ୍ୟା-୪୮ ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ପଶ୍ଚିମ ଓଡିଶାର ସମ୍ବଲପୁର ଓ ସୁନ୍ଦରଗଡକୁ ନେଇ ଚିନ୍ତାରେ ବିଜେଡି




ଭୁବନେଶ୍ୱର, ୨୪ ।୩(ପି.ଏନ): ପଶ୍ଚିମ ଓଡିଶାର ସମ୍ବଲପୁର ଓ ସୁନ୍ଦରଗଡ ସଂସଦୀୟ କ୍ଷେତ୍ରରୁ ଏଥର କିଏ ହେବେ ବିଜେଡି ଯୋଦ୍ଧା ଜଣେ ସମ୍ବଲପୁରିଆ ନା ଜିଲ୍ଲା ବାହାର ନେତାଙ୍କୁ ଟିକେଟ ଦେବ ଶଙ୍ଖ ଦଳ ଲୋକଙ୍କ ଭିତରେ ଏଭଳି ଚର୍ଚ୍ଚା ଚାଲିଥିବା ବେଳେ ନବୀନ ନିବାସରେ ତିଆରି ହେଉଛି ଗେମ୍‌ପ୍ଲାନ୍। ସେପଟେ କିନ୍ତୁ ଚର୍ଚ୍ଚା ହେଉଛି ଏଥର ସମ୍ବଲପୁରରୁ ପ୍ରଣବ ପ୍ରକାଶ ଦାସ ଓ ସୁନ୍ଦରଗଡରୁ ଦିଲୀପ ତର୍କି ପ୍ରାର୍ଥୀ ହୋଇପାରନ୍ତି। ଆଜି ସମ୍ବଲପୁର ନବୀନ ନିବାସରେ ତିଆରି ଚାଲିଛି ଗେମ୍ ପ୍ଲାନ୍। ଯେଉଁଠି ଥିଲେ ସମ୍ବଲପୁର ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କ ସହ ରେଢାଖୋଲ ଓ ଛେଣ୍ଡିପଦା ବିଧାୟକ ଏବଂ ଅନ୍ୟ ନେତାମାନେ। କିନ୍ତୁ ନଥିଲେ ଆଠମଲ୍ଲିକ ବିଧାୟକ ରମେଶ ସାଏ। କାରଣ ୨୦୧୯ ସାଧାରଣ ନିର୍ବାଚନରେ ଏହି ଆସନରେ ବିଜେପି ବାଜିମାତ କରିଥିଲା। ଏହାଛଡା ସମ୍ବଲପୁର ସଂସଦୀୟ କ୍ଷେତ୍ର ୭ ବିଧାନସଭା ମଧ୍ୟରୁ ସମ୍ବଲପୁର, ରେଙ୍ଗାଲି, ଓ ଦେବଗଡକୁ ବିଜେପି ଅକ୍ତିଆର କରିଥିଲା। ତେଣୁ ଏଥର ଜଣେ ଟାଣୁଆ ଯୋଦ୍ଧାଙ୍କୁ ଲୋକସଭା ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇବାକୁ ଅଙ୍କ କଷୁଛି ବିଜେଡି। ତେବେ ଦଳର ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ନାଁ ସବୁଠୁ ଅଧିକ ଚର୍ଚ୍ଚାରେ ରହିଛି।

## ରାଜଧାନୀରେ ଲୁଟୁଥିଲେ, ମୁମ୍ବାଇ ତାଜ୍ ହୋଟେଲ୍‌ରେ ରହିଥିଲେ



ଭୁବନେଶ୍ୱର, ୨୪ ।୩(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ଲୁଟୁଥିଲେ। ଆଉ ସେହି ଟଙ୍କାରେ ଅୟସ୍ କରୁଥିଲେ। ବିମାନରେ ଯିବାଆସିବା କରୁଥିଲେ। ମୁମ୍ବାଇ ବୁଲିବାକୁ ଯାଇ ତାଜ୍ ହୋଟେଲ୍‌ରେ ରହୁଥିଲେ। ଏମିତି ଜଣେ କୋଟିପତି ଲଗ୍‌ଜୁରିୟସ୍ ଲୁଟେରା ହେଉଛନ୍ତି ପର୍ଶୁରାମ ଗିରି। ସେ ଆଜି ଭୁବନେଶ୍ୱର କମିଶନରେଟ୍ ପୁଲିସ୍ ହାତରେ ଧରା ପଡିଛନ୍ତି। ରାଜଧାନୀରେ ଚେକିଂ ବ୍ଲକିଂ ବେଳେ ପୁଲିସ୍‌ର ଚକ୍ରବ୍ୟୁହରା ଫଶିଯାଇଛନ୍ତି ପର୍ଶୁରାମ। ପୁଲିସ୍ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଓ ଗହଣା ଜବତ କରିଛି।ପର୍ଶୁରାମ ଗିରି ନବମ ଫେଲ୍। ତାଙ୍କ ଘର ବାଲେଶ୍ୱର ଜିଲ୍ଲା ସୋର ଥାନା ଅଞ୍ଚଳରେ। ୨୦୦୬ ମସିହାରେ ଜେଲ୍ ଯାଇଥିଲେ। ପତ୍ନୀ ଆତ୍ମହତ୍ୟା ମାମଲାରେ ସେ ପ୍ରଥମର ଥର ପାଇଁ ଜେଲ୍ ଯାଇଥିଲେ। ତା'ପରେ ସେ ଅପରାଧ ଦୁନିଆରେ ପାଦ ଥାପି ଥିଲେ। ଜେଲ୍‌ରୁ ବାହାରି ଆସିବା ପରେ ଚାଲି ଆସିଥିଲେ ରାଜଧାନୀ ଭୁବନେଶ୍ୱର। ଲୁଟ୍ ପାଇଁ ରଚିଲେ ଯୋଜନା। ପୂରା ରାଜଧାନୀରେ ଘୁରି ବୁଲିଲେ। ଆଉ ଖାଲି ଘର ଦେଖି ରାତି ଅଧରେ ଗ୍ରୀଲ୍ ଭାଙ୍ଗି ଘରୁ ଲୁଟ୍ କରିବା ଆରମ୍ଭ କରିଥିଲେ। ଲୁଟ୍‌ରେ ତାଙ୍କର ନଥିଲା ବାଛ ବିଚାର। ସାଧାରଣ ଘର ହେଉ ବା ଆପାର୍ଟମେଣ୍ଟ, ସୁବିଧା ଦେଖିଲେ କଳାକନା ବୁଲାଇ ଦେଉଥିଲେ।

## ଓଡିଶାରେ ଦୁଇ ବିଜେପି ସାଂସଦଙ୍କୁ ମିଳି ନପାରେ ଟିକେଟ




ଭୁବନେଶ୍ୱର, ୨୪ ।୩(ପି.ଏନ): ଦିଲ୍ଲୀ ବିଜେପି ମୁଖ୍ୟାଳୟରେ ଗତକାଲି ବିଳମ୍ବିତ ରାତି ଯାଏ ଚାଲିଥିଲା ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ। ଏହି ବୈଠକରେ ଓଡିଶା ବାବଦରେ ଆଲୋଚନା ହୋଇଥିବା ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ଓଡିଶାର ରାଜନୀତିକ ସ୍ଥିତି ଓ ରଣକୌଶଳ ବାବଦରେ ଆଲୋଚନା ହୋଇଥିବା ବୈଠକ ପରେ ଗଣମାଧ୍ୟମକୁ କହିଛନ୍ତି ମନମୋହନ ସାମଲ।ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିବା ବିଜେପି ସିଇସି ବୈଠକରେ ଓଡିଶା ସମେତ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶର ପ୍ରାର୍ଥୀ ତାଲିକା ବାବଦରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ଆଜି ଏହି ସବୁ ରାଜ୍ୟ ପାଇଁ ବିଜେପି ପ୍ରାର୍ଥୀ ତାଲିକା ଜାରି କରିପାରେ।ସିଇସି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

### ଅଭିନନ୍ଦନ

ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଳନ ଅବସରରେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **-ସମ୍ପାଦକ**

### ଛୁଟି ଘୋଷଣା

ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ମାର୍ଚ୍ଚ ୨୫ ରୁ ୨୬ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୮ ତାରିଖରେ ପ୍ରକାଶ ପାଇବ ।

**-ପ୍ରକାଶକ**

## ହୋଲି ପାଇଁ ଅମାନିଆଙ୍କୁ ସତର୍କ କରାଇଲେ ଭୁବନେଶ୍ୱର ଡିସିପି



ଭୁବନେଶ୍ୱର, ୨୪ ।୩(ପି.ଏନ): ହୋଲିରେ ସାବାଡ ହେବେ ଅମାନିଆ। ହୋଟେଲରେ ହୋଲି ପାର୍ଟି ଉପରେ ରହିବ କମିଶନରେଟ୍ ପୁଲିସର ନଜର। ରାଜଧାନୀ ଭୁବନେଶ୍ୱରରେ ହୋଲି ସୁରକ୍ଷାକୁ ନେଇ କଡାକଡି କଲା କମିଶନରେଟ୍ ପୁଲିସ। ଅମନିଆଙ୍କୁ ସବାଡ କରାଯିବ। ଅପମିଶ୍ରଣ ହୋଇଥିବା କେମିକାଲ ରଙ୍ଗ ବ୍ୟବହାର କଲେ ନିଆଯିବ ଆକ୍ସନ।

## ମୁଖ୍ୟମନ୍ତ୍ରୀ ସରକାରୀ ମେଡିକାଲ୍ ନଯାଇ କାହିଁକି ଘରୋଇ ହସ୍ପିଟାଲ ଯାଉଛନ୍ତି ?



ଭୁବନେଶ୍ୱର, ୨୪ ।୩(ପି.ଏନ): ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ରୋଗୀଙ୍କ ସଂଖ୍ୟା ବଢ଼ିଛି, ସ୍ୱାସ୍ଥ୍ୟ ସେବା ଭୁଶୁଡ଼ି ପଡିଛି। ରାଜ୍ୟ ସରକାର କହୁଛନ୍ତି, ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ବିଶ୍ୱ ସ୍ତରୀୟ। ତା'ହେଲେ ମୁଖ୍ୟମନ୍ତ୍ରୀ ନିଜେ ସରକାରୀ ହସ୍ପିଟାଲ ନଯାଇ କାହିଁକି ଘରୋଇ ହସ୍ପିଟାଲ ଯାଉଛନ୍ତି ଆଜି ଏଭଳି ପ୍ରଶ୍ନ ପଚାରିଛନ୍ତି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ।ସେ କହିଛନ୍ତି, ୨୫ ବର୍ଷର ଶାସନ ପରେ ମଧ୍ୟ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ୭୨୭୬ ଡ଼ାକ୍ତର, ୧୭୩୫୮ ନର୍ସ, ୯୯୮ ଫାର୍ମାସିଷ୍ଟ ଓ ୧୨ଟି ସରକାରୀ ସରକାରୀ ମେଡ଼ିକାଲରେ ୭୪ ପ୍ରଫେସର ପଦବୀ ଖାଲି ପଡ଼ିଛି। ରାଜ୍ୟର ୩ଟି ମେଡିକାଲକୁ ବିଶ୍ୱ ସ୍ତରୀୟ କରାଯିବ ବୋଲି ୨୦୧୯ ସାଧାରଣ ନିର୍ବାଚନ ଇସ୍ତାହାରରେ ବିଜେଡି କହିଥିଲା। ହେଲେ ସେଇଟା ପାଣିର ଗାର ହୋଇ ରହିଯାଇଛି। କଟକ ଏସ୍ ?ସିବିରେ ପାଣି ପାଇଁ ହାହାକାର ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।

ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

(ରଘୁବର ଦାସ)

DSPL-101
15001/13/0891/2324

## ସିବିଆଇ ବିରୁଦ୍ଧରେ ନିର୍ବାଚନ ଆୟୋଗରେ ଫେରାଦ ହେଲେ ମହୁଆ



ନୂଆଦିଲ୍ଲୀ, ୨୪ ।୩(ପି.ଏନ): କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ବିରୁଦ୍ଧରେ ନିର୍ବାଚନ ଆୟୋଗରେ ଫେରାଦ ହୋଇଛନ୍ତି ତୃଣ ମୂଳ କଂଗ୍ରେସ ସାଂସଦ ପ୍ରାର୍ଥୀ ମହୁଆ ମୈତ୍ର। ସିବିଆଇ ମତେ ହଇରାଣ କରୁଛି, ଏଥିପାଇଁ ମୋ ନିର୍ବାଚନ ପ୍ରଚାର-ପ୍ରସାରରେ ବାଧା ସୃଷ୍ଟି ହେଉଥିବା ସେ ଅଭିଯୋଗ କରିଛନ୍ତି। ଗତକାଲି ମହୁଆଙ୍କ ବାସଭବନ ସମେତ ତାଙ୍କ ନାମରେ ଥିବା ଏକାଧିକ ସ୍ଥାନରେ ଚଢାଉ କରିଥିଲା ସିବିଆଇ। ଆଜି ସେ ଏନେଇ ନିର୍ବାଚନ ଆୟୋଗରେ ଫେରାଦ ହୋଇଛନ୍ତି। ମହୁଆ କହିଛନ୍ତି ଯେ, ମୁଁ ପ୍ରାର୍ଥୀ ଥିବା ଜାଣି ମଧ୍ୟ ସିବିଆଇ କ୍ରମାଗତ ଭାବେ ଚାରିଟି ସ୍ଥାନରେ ଚଢାଉ କରିବାର କାର୍ଯ୍ୟକ୍ରମ ରଖିଛି।

## କଲବଲ କରିବ ତାତି ! ରାଜ୍ୟରେ ଆଗାମୀ ୪ ଦିନ ମଧ୍ୟରେ ୩ରୁ ୫ ଡିଗ୍ରୀ ତାପମାତ୍ରା ବଢ଼ିବା ନେଇ ସୂଚନା

ଭୁବନେଶ୍ୱର, ୨୪ ।୩(ପି.ଏନ): ରାଜ୍ୟରେ ଗ୍ରୀଷ୍ମ ଉତ୍ତାପ କ୍ରମଶଃ ବଢ଼ିବାରେ ଲାଗିଛି । ଗତକାଲି ବଲାଙ୍ଗିରରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ୫ଟି ସହରର ତାପମାତ୍ରା ୩୭ ଡିଗ୍ରୀ ଉପରେ ରହିଥିବା ଜଣାପଡିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ ଅନୁଯାୟୀ ଆଗାମୀ ୪ ଦିନ ମଧ୍ୟରେ ତାପମାତ୍ରା ୩ରୁ ୫ ଡିଗ୍ରୀ ବଢ଼ିବା ସମ୍ଭାବନା ରହିଛି । ସେହିଭଳି ରାତି ତାପମାତ୍ରା ମଧ୍ୟ ୨ରୁ ୩ଡିଗ୍ରୀ ବଢ଼ିପାରେ । ପରବର୍ତ୍ତୀ ସମୟରେ ସର୍ବନିମ୍ନ ଓ ସର୍ବାଧିକ ତାପମାତ୍ରାରେ କୌଣସି ପରିବର୍ତ୍ତନ ସମ୍ଭାବନା ନଥିବାରୁ ଅନେକ ଅଞ୍ଚଳରେ ପାରଦ ୪୦ଡିଗ୍ରୀ ଅତିକ୍ରମ କରିବା ସମ୍ଭାବନା ରହିଛି । ଏଥିସହିତ ଆସନ୍ତାକାଲି ଏବଂ ମଙ୍ଗଳବାର ରାଜ୍ୟର ୪-୫ଟି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ତେବେ ସାରା ରାଜ୍ୟରେ ଉପରମୁହାଁ ପାରଦ। ଉପାନ୍ତରୁ ଉପକୂଳ ସବୁଠି ବଢିଲା ତାତି। ୨୮ ତାରିଖରୁ ଜଳିବ ପଶ୍ଚିମ ଓଡିଶା। ସୃଷ୍ଟି ହେବ ହଟ୍ ଓ୍ୱେଦର କଣ୍ଡିସନ୍। ଆଜି ଏବଂ କାଲି ରାଜ୍ୟର ଅଧିକାଂଶ ସହରର ତାପମାତ୍ରା ୩୫ ରୁ ୩୯ ଡିଗ୍ରୀ ପହଞ୍ଚିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର। ବିଶେଷ କରି ସୋନପୁର, ବୌଦ୍ଧ, ବଲାଙ୍ଗିର, ସମ୍ବଲପୁର, ବରଗଡ, ଝାରସୁଗୁଡା, ମାଲକାନଗିରି ଏବଂ କଳାହାଣ୍ଡିରେ ତାତି ବଢିବ। ୨୫ ଏବଂ ୨୬ ତାରିଖରେ ପୁଣି ସକ୍ରୀୟ ହେବ ପଶ୍ଚିମା ଝଡ।

### ଗଛକୁ ପିଟି ହେଲା ଓମିନି ଭ୍ୟାନ୍, ଜଣେ ମୃତ୍ୟୁ,ଜଣେ ଗୁରୁତର

ମାଲକାନଗିରି, ୨୪ ।୩(ପି.ଏନ): ଭାରସାମ୍ୟ ହରାଇ ଗଛରେ ପିଟି ହେଲା ଓମିନ ଭ୍ୟାନ୍ ?। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଥିବାର ଜଣାପଡିଛି। ମୃତକ ଜଣକ ହେଲେ ସୁନାବେଡା ଡିପି କ୍ୟାମ୍ପର ସୁଦାସ ମଣ୍ଡଳ(୫୨) ଓ ଗୁରୁତର ଜଣକ ହେଲେ ଅରୁଣ ମଣ୍ଡଳ(୫୧)।

ସୂଚନା ଅନୁସାରେ ସୁଦାମ ଓ ଅରୁଣ ଏକ ଭ୍ୟାନ୍ ?ରେ ସୁନାବେଡାରୁ କାଲିମେଳା ଜଣେ ସଂପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ଆଜି ପୋଟେରୁ ଠାରେ ହେଉଥିବା ଦୋଳଯାତ୍ରା ଦେଖିବାକୁ ଓମିନି ଧରି ସେମାନେ କାଲିମେଳାରୁ ପୋଟେରୁ ଅଭିମୁଖେ ଯାଉଥିବା ବେଳେ ଆଜି ଅପରାହ୍ନ ୩ଟା ସମୟରେ ୩୨୬ ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ନିକଟରେ ଭାରସାମ୍ୟ ହରାଇ ଓମିନିଟି ଏକ ଗଛରେ ଯାଇ ପିଟି ହୋଇଯାଇ ଥିଲା। ଫଳରେ ଗାଡିରେ ବସିଥିବା ସୁଦାସ ମଣ୍ଡଳଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ଗାଡି ଚଳାଉଥିବା ଅରୁଣ ମଣ୍ଡଳଙ୍କ ଅବସ୍ଥା ଗୁରୁତର ହୋଇପଡିଥିବା ଜଣା ପଡ଼ିଛି।

## ସହିଦନଗର ଥାନା ଏସଆଇ ପ୍ରିୟବ୍ରତ ପ୍ରଧାନ ନିଲମ୍ବିତ



ଭୁବନେଶ୍ୱର, ୨୪ ।୩(ପି.ଏନ): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିବା ସହିଦନଗର ଥାନା ଏସଆଇ ପ୍ରିୟବ୍ରତ ପ୍ରଧାନ ନିଲମ୍ବିତ । କମିଶନରେଟ ପୋଲିସ ଏହି ଲାଞ୍ଚୁଆ ଏସଆଇଙ୍କୁ ନିଲମ୍ବିତ କରିଛି ।ସୂତ୍ରରୁ ପ୍ରକାଶ ଗାଡି ଡ୍ରାଇଭିଂ ଲାଇସେନ୍ସ ପାଇଁ ୫ ହଜାର ମାଗିଥିଲେ ସହିଦ ନଗର ଥାନା ଏସଆଇ ପ୍ରିୟବ୍ରତ ପ୍ରଧାନ । ସେ ପ୍ରଥମ କିସ୍ତି ବାବଦକୁ ୩ ହଜାର ଟଙ୍କା ନେଇଥିବା ବେଳେ ଶନିବାର ଆଉ ୨ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡିଥିଲେ।

## ହୀରାକୁଦରେ ଡାଇରିଆକୁ ନିୟନ୍ତ୍ରଣ କରିବା ପାଇଁ ଚିଠି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪ ।୩(ପି.ଏନ): ସମ୍ବଲପୁର ଜିଲ୍ଲାର ହୀରାକୁଦ ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଡାଇରିଆ ସଂକ୍ରମଣକୁ ରୋକିବା ପାଇଁ ପ୍ରଭାବିତ ଅଞ୍ଚଳରେ ତୁରନ୍ତ କେନ୍ଦ୍ରୀୟ ମେଡିକାଲ ଟିମ୍ ନିୟୋଜିତ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କୁ ଚିଠି ଜରିଆରେ ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗା କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ





ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# —'ପ୍ରହେଳିକା'—

ଓହୋ! ଆଜି ଟିକେ ମନଟା ଶାନ୍ତି ପାଇଲା, ମୁଁ ମୋ ସ୍ୱାମୀ କୁମାରଙ୍କ ସହ ଗାଁରୁ ଫେରିଲି, ଘର ଗଳି ମୋଡରୁ ମୁଁ କାର୍ କାଚ ଖୋଲି ବାସ୍ ଚାହିଁ ରହିଥିଲି ମୋ ପାଖ ଫ୍ଲାଟଟିକୁ ଦେଖିବି। ସେଟା ଘର କମ୍, ପାର୍କ ବେଶୀ ଲାଗେ, ସେ ବଗିଚାର ରଙ୍ଗ ବେରଙ୍ଗୀ ଫୁଲ, ଗଛ, ମହ ମହ ବାସୁଥିବା ମଲ୍ଲି, ଚମ୍ପା ଆଦି ଯେମିତି ମତେ ଖତେଇ ହୁଅନ୍ତି। ହେଲେ ଆଜି ଆଠ ଦିନ ପରେ ଗାଁରୁ ଫେରି ନିଜ ଘର ଆଡେ ନଦେଖି ପାଖ ଘରକୁ ତନଖି କରି ଦେଖିଲି, ଫୁଲ ଗଛ ସବୁ ଝାଉଁଳି ପଡିଛି, ଗେଟ୍‌ରୁ ଘର ଯାଏଁ ପଡିଥିବା ଟାଇଲ୍ ସୁଖିଲା ପତ୍ରରେ ଭରା। ମତେ ଭାରି ଶାନ୍ତି ଲାଗିଲା, ମୋ ଚେହେରାର ସ୍ମିତ ହସ ଦେଖି କୁମାର ପଚାରିଲେ କ'ଣ ନିଜ ଘର ଦେଖି ଖୁସି ହଉଛ? ମୁଁ କିନ୍ତୁ ମୋ ଖୁସିର କାରଣ ଟା କହିଲି ନାହିଁ, କାରଣ ଆଗରୁ ବହୁଥର ସେ ପାଖ ଘର କଥା କହି ମୋ ସ୍ୱାମୀଙ୍କ ଠାରୁ ପ୍ରବଚନ ଶୁଣି ସାରିଛି। ତେଣୁ ଚୁପ୍ ରହିବା ଶ୍ରେୟ ମଣିଲି।

ମୁଁ ମାନସୀ ଭୁବନେଶ୍ୱର ପୁଣି ଶହିଦନଗରରେ ତିନି ମହଲା କୋଠାର ମାଲିକାଣୀ। ମୋ ଘର ଅଗଣାରେ ବି ବହୁତ ଖାଲି ଜାଗା, ଉପର ଘର ଭଡାଟିଆ ରୁହନ୍ତି, ମୋ ପାଖ ଘରଟା ମୁଁ ଘର ତୋଳିବା ଆଗରୁ ଥିଲା। କେହି ଯିବା ଆସିବା କେବେ ଦେଖିନଥିଲି। ମୋର ଏ ଘରେ ରହିବା ପ୍ରାୟ ୧୦ ବର୍ଷ ହେଲାଣି। ପିଲାମାନେ ବଡ ହୋଇ ଯେଝା ସଂସାର ଧରି ବଡ ବମ୍ୱେରେ ତ ସାନ ବାଙ୍ଗାଲୋର୍‌ରେ। ମୋ ସ୍ୱାମୀ ରିଟାୟଡ୍ ପ୍ରଶାସନିକ ଅଧିକାରୀ। ମୋ ଶାଶୁ ଘରେ ବି ମୋରି ରାଜୁତି, କାରଣ କୁମାର ବାପା ମା'ଙ୍କର ଏକମାତ୍ର ପୁଅ । ମୋର କେମିତି ବାହାଘର ହେଲା, କେତେ ଧନ ସମ୍ପତି ମୋ ବାପା ଦେଇଥିଲେ ଏ ସବୁ ମୁଁ ଆମ କାମବାଲି ମାଧମରେ ଆମ ପର ଆଖ ପାଖରେ ପହଂଚାଇ ଦେଇଛି। ତା'ପରେ ଲାଗେ ସମସ୍ତେ ମତେ ଖୁବ୍ ସମ୍ମାନ ଭରା ଚାହାଣୀରେ ଦେଖନ୍ତି। ପାଖ ଘରଟା ବାସ୍ ଗୋଟେ ମହଲା ଘର, ମୋର ସେ ଗଳିର ଦ୍ୱିତୀୟ ଘର, ଉତରା ପବନ ମୋ ଘରକୁ ବେସ୍ ସୁରୁ ଖୁରୁରେ ଆସେ। ହଠାତ୍ ଦିନେ ସକାଳୁ ଗୋଟେ ଟ୍ରକ୍ ଆସି ରହିଲା। ଧୁମ୍ ଧାମ୍ ଶବ୍ଦରେ ଝରକା ବାଟେ ଦେଖିଲି ସେ ପାଖ ଘରେ ଲୋକ ଆସିଛନ୍ତି ରହିବାକୁ। ସନ୍ଧ୍ୟା ଯାଏଁ ଘରେ ଲୋକ ଯିବା ଆସିବା ଲାଗିଥିଲା ସେ ଘରକୁ। ମନେମନେ ସ୍ଥିର କଲି କାଲି ଯାଇ ସେ ଘରେ କିଏ ରହିଲେ, ସବୁ ବୁଝିବି, ମୋ ଘର କାମବାଲି ଟିକେ ଡେରିରେ ଆସେ। ସେ ଆସିଲେ ତାକୁ ପଠେଇ ସେ ଘର ଲୋକ ଭଡାଟିଆ ନା ନିଜେ ମାଲିକ ବୁଝିନେବି, ଏମିତି ଭାବୁ ଭାବୁ ଚା' କରୁଥିଲି, ରୋଷେଇ ଘର ଝରକା ବାଟେ ଦେଖିଲି ସେ ଘର ଗେଟ୍ ଖୋଲି ଗୋଟେ ମଧ୍ୟ ବୟସ୍କା... ନା' ବୋଧେ ତିରିଷ କି ବତିଷ ବର୍ଷର ବେଶ୍ ଡେଙ୍ଗା, ଗୋରା, ସ୍ତ୍ରୀ ଲୋକଟିଏ କାନ୍ଧରେ ଭ୍ୟାନିଟ୍ ବ୍ୟାଗ ପକାଇ ମୋ ଘର ଆଗଦେଇ ଚାଲିଗଲା। ମୋର ଏଡେ ବଡ ସୁନ୍ଦର ଘର ଆଡେ ଟିକେ ଅନେଇଲାନି ମଧ୍ୟ। ଛାଡ କାମବାଲି ଆସୁ, ସବୁ ଖବର ବୁଝିବି। ବେଶ୍ କିଛି ସମୟ ପରେ ଛବି (ମୋ କାମବାଲି) ଆସିଲା, ସେ ଆସୁ ଆସୁ ତାକୁ ପଠେଇଲି ଯା ପାଖ ଘରେ ବୁଝି ଆସିବୁ କିଏ ରହିଲେ, କ'ଣ କରନ୍ତି ଇତ୍ୟାଦି। ସେ ବି ଖୁବ୍ ଆଗ୍ରହରେ ଗୋଟେ ନୂଆ ଘରେ କାମ ପାଇବା ଆଶାରେ ଚାଲିଲା ତାଙ୍କ ଘର ଆଡେ। ହେଲେ ଦୁଇ ମିନିଟ୍‌ରେ ଫେରି ଆସି କହିଲା ମା' ଘରେ ତ ତାଲା ପଡିଛି, ଆଉ ଗେଟ୍‌ରେ ନାମଫଳକ ବି ନାହିଁ ବାସ୍ ଲେଖା ହୋଇଛି "ଶହିଦ୍ ଭବନ"। ଶୁଣୁ ଶୁଣୁ ମୋ ପାଟିରୁ ବାହାରିଲା ଏ କି ନାମ! ମୋ ଘର ନାମ "ସ୍ୱାତୀ ନିଳୟ", ମୋ ଶାଶୁଙ୍କ ନାଁ। ଆଉ ଏ ଘର ନାମ ଯେ ଏମିତି ଗୋଟେ ଅପଦସିଆ ନାଁ ଦେଇଛନ୍ତି କେଜାଣି। ଦିନସାରା ମୋର ଟିଭି ସିରିଏଲ, ୟୁ ଟ୍ୟୁବ୍‌ରେ କଟିଲା। ଯେମିତି ପାଂଚ ବାଜିଲା ମୁଁ ମୋ ଘର ବାରଣ୍ଡାରେ ଲାଗିଥିବା ଦୋଳାୟମାନ ଚେୟାରରେ ଆସି ବସି ପଡିଲି। ସେ ପାଖ ଘର ମହିଳା ବୋଧେ କର୍ମଜୀବି, ସେ ଫେରିଲେ ନିଶ୍ଚୟ ମୋର ଏ ବିଶାଳ ଅଟାଳିକା ଆଡେ ଚାହିଁବେ, ଆଉ ମୁଁ ମୌକା ଦେଖି ତା ନାଁ -ଗାଁ ସବୁ ବୁଝିନେବି, ସନ୍ଧ୍ୟା ଗଡିଲାଣି ହେଲେ ସେ ମହିଳାର ଦେଖାନାହିଁ। ବାସ୍ ଉଠି ଘର ଆଡେ ମୁହାଁଇଲା ବେଳକୁ ସେ ମୋ ଗେଟ୍ ସିଧାରେ, ମୁଁ ବାସ୍ ତାକୁ ଚାହିଁ ରହିଲି କି ସେ ମୋ ଘର ଆଡେ ଚାହିଁଲେ ମୁଁ ଗୋଟେ ହସ ଦେବି ଯେ, ସେ ବଳେ ଠିଆ ହେଇ ନମସ୍କାର କରି ଆପେ ଆପେ ତା' ପରିଚୟ ଦେଇ ଦେବ। ହୁଏତ ମୋ ଠାରୁ କିଛି ଟିପ୍‌ସ ନେଇ ପାରେ। ହେଲେ ସେମିତି କିଛି ହେଲାନି, ସେ ନିର୍ବିକାର ଭାବେ ତା' ଘର ଭିତରକୁ ଚାଲିଗଲା, ମୁଁ ମନେ ମନେ କହିଲି କି ଗର୍ବି ସ୍ତ୍ରୀ ଲୋକଟା, ହାତରେ ଚୁଡି ନାହିଁ କି ମଥାରେ ସିନ୍ଦୁର ନାହିଁ, ବୋଧେ ଅଭିଆଡିଟେ। ହଉ କାଲି ଛବି ଆସୁ! ମୁଁ ମୋ ଘର କାମରେ ଲାଗିଲି, ତା' ପରେ ମୋ ଚିରା ଚରିତ ସିରିୟଲ ଦେଖା। କୁମାର କ୍ଲବ ଯାଇଥିଲେ, ଫେରୁ ଫେରୁ କହିଲେ ଦେଖିଲଣି ମାନସୀ ପାଖ ଘର ଆଗରେ ଟ୍ରଲି ରିକ୍ସାରେ କେତେ ଫୁଲ କୁଣ୍ଡ, ଗଛ ଚାରା! ମୁଁ ବି ଝରକା ପାଖକୁ ଯାଇ ଦେଖିଲି, ସେ ସ୍ତ୍ରୀ ଲୋକଟି ଚୁଡିଦାର କମିଜ୍‌ଟେ ପିନ୍ଧି ଘର ବାରଣ୍ଡାରେ ଠିଆ ହେଇଛି, ତା' ପାଖରେ ହ୍ୱିଲ୍ ଚେୟାରରେ ଜଣେ ବୟସ୍କ ପୁରୁଷ, ମନେ ମନେ ଭାବିଲି ବାପ-ଝିଅ ହେଇଥିବେ, ହେଲେ ଏତେ ଗୁଡେ ଲାଇଟ୍ କ'ଣ ଲଗେଇଛନ୍ତି ପୁରା ରାସ୍ତା ଯାଏଁ ଆଲୁଅ ପଡୁଛି! ମୁଁ ତ ପୁରା ଏ ମାମଲାରେ ସିରିୟସ୍। ଯେତିକି କମ୍ ଲାଇଟ୍-ଫ୍ୟାନ ଓ ଟେମ୍ପରେଚର ୪୦ ଡିଗ୍ରୀ ନ ଟପିବା ଯାଏଁ ଏସି ବି ଲଗାଏନି। ସେମିତି ତାଗିଦ୍ ବି ଭଡାଟିଆଙ୍କୁ କରିଛି। ନା' ଲାଇଟ୍ ବାବଦରେ ନୁହେଁ, ସେମାନେ ବିଲ୍ ଦଉଛନ୍ତି, ଜାଳନ୍ତୁ କେତେ ଜାଳିବେ। ପାଣି କିନ୍ତୁ ଦେଖି ଚାହିଁ ଖର୍ଚ୍ଚ କରିବେ କାରଣ ପାଣିଟା ମାଗଣା ଦେବା ଲାଗି ଚୁକ୍ତି କରିଛି ପରା। ହେଲେ ଏ ପାଖ ଘର "ଶହିଦ୍ ଭବନ" ବାଲା କ'ଣ ପାଗଳ କି? ଏତେ ଲାଇଟ୍, ପୁଣି ଏତେ ଗଛ ଯଦି ଲଗେଇବେ କେତେ ପାଣି ସାରିବେ, ହଉ ତାଙ୍କର ବିଲ୍ ଉଠିବ ମୋର କ'ଣ ଅଛି। ମୁହଁକୁ ବୁଲେଇ ରାତି ଖାଇବା ଲାଗି ବସିଲୁ। କୁମାର ଥଟ୍ଟା କରି କହିଲେ କ'ଣ ପାଖ ଘର ଲୋକେ ତମ ପ୍ରତିପତି ଜାଣିଲେଣି ନା ନାହିଁ? ମୁଁ ବିରକ୍ତ ହେଇ ଚୁପ୍ ହିଁ ରହିଲି। ଏମିତି ତା' ପରଦିନ ଛବିକୁ ପଠାଇଲି, ସେ ଘର ବିଷୟରେ ବିସ୍ତୃତ ବିବରଣୀ ଆଣିବା ସହ ମୋ ବିଷୟରେ ଟିକେ କହିବ ବୋଲି। ସେ ବେଶ୍ ଅଧ ଘଂଟା ପରେ ଫେରିଲା, ହସ ହସ ମୁହଁରେ କହିଲା ମା' ସେ ଘର ଦିଦି ବହୁତ ଭଲ। ମତେ ଚୌକିରେ ବସିବାକୁ ଦେଲେ, କଫି ବି ଦେଲେ। କାମ କଥା ମନା କଲେ କିନ୍ତୁ କହିଲେ ବଗିଚା କାମରେ ଟିକେ ସାହାଯ୍ୟ କରିବ କି? ମୁଁ ହଁ କହିଲି, ତାଙ୍କ ବାପାଙ୍କ ଆଡେ ଚାହିଁ ପଚାରିଲେ ବାପା ଦିନ ସାରା ଘରେ ଏକଲା ଲାଗୁଛି କି ଏଠି? କହିବେ ତ ମୁଁ ଛବି ଭଉଣୀକୁ କହି କାହାକୁ ଘରେ ସନ୍ଧ୍ୟା ଯାଏଁ ରଖିଦେବା। ବାପା ତାଙ୍କର ବି କେତେ ଭଲ, କହିଲେ ନା' ମା ତୁ ତ ସବୁ ହାତ ପାଖେ ଖଞ୍ଜି ଦେଇ ଯାଉଛୁ। ଏ ଝିଅଟି ବାସ୍ ବଗିଚା ଟିକୁ ରଙ୍ଗରେ ଭରିବାରେ ସାହାଯ୍ୟ କଲେ ବହୁତ। ମୁଁ ଅଧାରୁ ତାକୁ ଚୁପ୍ କରେଇ ଟିକେ ରୁକ୍ଷ ଗଳାରେ କହିଲି, ହେ କହ ତା' ନାଁ କ'ଣ? ... ଆଉ ବାହା ହେଇଛି କି ନା, କି ଚାକିରି... ଆଉ ମୋ ବିଷୟରେ କହିଲୁ କି ନାହିଁ। ଛବିର ହସ ବନ୍ଦ ହେଇଗଲା, କହିଲା ମା' ସେ ଦିଦିର କଥା ଏତେ ସୁନ୍ଦର ଯେ, ମୁଁ ସବୁ ଭୁଲିଗଲି, ହଉ କାଲି ବେଳେ ବୁଝିନେବି। ବେସ୍ ଛଅଟା ମାସରେ ସେ ବଗିଚା ଗୋଟେ ପାର୍କ ହେଇସାରିଥିଲା। ତା'ର ଖାଲି ନା'ଟି ଛବି ବୁଝିଥିଲା "ସୁଜାତା" ବାକି ସେ କୁଆଡେ କଥା ବେଶି କୁହେନି। ଛଅ ମାସରେ ବହୁ ଚେଷ୍ଟା ସତ୍ତ୍ୱେ ସୁଜାତା ଥରେ ବି କଥା ହେଲାନି, ବାସ୍ ତାକୁ ଘରୁ ୯.୩୦ରେ ଯିବା ଓ ୫ ଟାରେ ଫେରି ସନ୍ଧ୍ୟା ୭ଟା ଯାଏଁ ବଗିଚାରେ ଦେଖେ। ରବିବାର ତ ସେ ବାପ-ଝିଅ ଦିନ ସାରା ବଗିଚା କାମରେ ଲାଗିପଡନ୍ତି। ବସନ୍ତ ଋତୁ କ'ଣ ବୋଧେ ମୁଁ ପ୍ରଥମ ଥର ଅନୁଭବ କଲି। ଛାତ ଉପରୁ ତା ବଗିଚାକୁ ଦେଖେ, କେତେ ଫୁଲ, କେତେ ରଙ୍ଗ ବେରଙ୍ଗ ଗଛ। ବାସ୍ନା ବି ଏମିତି ଖେଳେଇଯାଏ କି ମୋ ତିନି ମହଲା ଛାତ ଯାଏଁ ପହଂଚେ। ସେତେବେଳେ ମୁଁ ମୋ ବଗିଚାକୁ ଦେଖେ ୪ ଟା ନଡିଆ ଗଛ। ଆଉ ତା ବଗିଚାରେ ମହ ମହ ବାସ୍ନା ଓ ମୋ ଭଡାଟିଆଠାରୁ ସ୍ୱାମୀ ପର୍ଯ୍ୟନ୍ତ ତା'ର ବଗିଚାର ପ୍ରଶଂସା ମତେ ଯେମିତି କଂଟା ଫୋଡିଲା ଭଳି ଲାଗୁଥିଲା। ମନେ ମନେ କହୁଥିଲି ସୁଜାତା ନା' ରହସ୍ୟମୟୀ। ଏମିତି ଦିନେ ଅଦିନିଆ ଝଡ ବର୍ଷା ହେଲା, ମୁଁ ପବନ ଦେଖି ଖୁସିରେ ଠାକୁରଙ୍କୁ ଧନ୍ୟବାଦ ଦେଲି, ଏଥର ତା ବଗିଚା ଗଲା, ପ୍ରଭୁ ମୋ କଥା ଶୁଣିଲେ। ବଡ ଆନନ୍ଦରେ ରାତି ପାହିବା ଅପେକ୍ଷାରେ ବହୁତ ଡେରିରେ ଶୋଇଲି। ସକାଳୁ ବି ଟିକେ ଡେରି ହେଲା ଉଠିବାରେ। ଉଠି ଦେଖିଲି ମୋ ସ୍ୱାମୀ ବାରଣ୍ଡାରେ କାହାକୁ ଫୋନ୍‌ରେ ଅନୁରୋଧ କରୁଛନ୍ତି, ଯେମିତି ହଉ ୨ଟା ମୁଲିଆ ଦରକାର। ଗଛ ପଡି ରାସ୍ତା ଅବରୋଧ। ମୁଁ ଭିତରୁ ହିଁ ବଡ ପାଟିରେ କହିଲି ତମର ଏତେ କାହା ଲାଗି ଦରଦ ଦେଖେଇବା ଦରକାର ନାହିଁ, ସେ ପାର୍କ କରି ମତେ ଖତେଇ ହେଉଥିଲା, ଏବେ ନିଜେ ଭୋଗୁ। କୁମାର ରାଗି ଉଠି ଫୋନ୍ କାଟି, ମୋ ହାତଧରି ବାରଣ୍ଡାକୁ ଟାଣି ନେଲେ କହିଲେ ଦେଖ....ମୁଁ ତାଟକା ମୋ ଅଗଣାର ନଡିଆ ଗଛରୁ ୨ଟା ମୂଳରୁ ଉପୁଡି ଏମିତି ପଡିଛି ଯେ ଗେଟ୍ ଖୋଲିବା ବି ଅସମ୍ଭବ। ତଥାପି ମୁଁ ଗୋଡ ଟେକି ସେ ଶହିଦ ଭବନ ଆଡେ ଚାହିଁଲି, ଆରେ ଏ କ'ଣ ସେ ସୁଜାତା ଓ ଛବି ଗଡି ପଡିଥିବା କୁଣ୍ଡ ଗୁଡା ସଜାଡୁଛନ୍ତି, ଆଉ ବାକି ରକମ୍ ରକମ୍ ଫୁଲ ଗଛ ସେମିତି ମତେ ଚାହିଁ ଖତେଇ ହଉଛନ୍ତି। ମନ ମାରି ରହିଲି, ଭଡାଟିଆ ମାନେ ବି ଗୋଟେ ଗୋଟେ କରି ସିଆଡେ ଢ଼ିଳିଲେଣି, କିନ୍ତୁ ମୁଁ ତ ସଂଭ୍ରାନ୍ତ ଘରର, ପୁଣି ମୋ ସ୍ୱାମୀ ପ୍ରଶାସନିକ ଅଧିକାରୀ ଥିଲେ ମୁଁ ବା କାହିଁକି ମୋ ଆଡୁ ଯିବି! ସେ ଆସୁନି। ବାସ୍ ଏତିକି କନଫର୍ମ ହେଇଥିଲି ସେ ଭଡାଟିଆ ନୁହେଁ, ସେ ବୁଢ଼ା ଘର ମାଲିକ। ବୁଢ଼ା ତ ହ୍ୱିଲ୍ ଚେୟାରରେ ସେଥିଲାଗି ବଢ଼ିଲା ଝିଅକୁ ବୋଧେ ବାହା ନ ଦେଇ ଘରେ ରଖିଛି।

ଦିନେ ସାହସ କରି ପାଚେରି ଏପଟୁ ପାଟି କରି କହିଲି, ଆଜ୍ଞା ମୋ ପାଚେରି ଆଡେ ଆପଣଙ୍କ ଫୁଲ ଲଟା ମାଡୁଛି, ତାକୁ ନିଜ ପଟେ ରଖ, ନ ହେଲେ ଲୁଣ ପାଣି ଢାଳିଦେବି, ସେ କିଛି କହିଲାନି ବାସ୍ ଚାହିଁଲା ଆଉ କହିଲା ହଉ ଆଜ୍ଞା ମୁଁ କାଢ଼ିଦେବି, ସେମାନେ ତ ଗଛ, ସେ ବା କ'ଣ ଜାଣନ୍ତି ବନ୍ଧ ବାଡ! ହଉ କ୍ଷମା କରିବେ। ତା' ପରେ ଆଉ ସେ କେବେ ନା କଥା ହେଇଥିଲା, ନା ମତେ ମୌକା ଦେଲା କିଛି କହିବାକୁ। ମୋର ମୋ ସ୍ୱାମୀଙ୍କ ସହ ଗାଁକୁ ଯିବାର ଥିଲା, ତ ଛବିକୁ ୧୦ ଦିନ କାମକୁ ନ ଆସିବାକୁ କହି, ଫେରିଲେ ତୋ ଲାଗି ଶାଢ଼ି ଆଣିବି କହିଲି, ସେ ବି ଭାରି ମୁହଁ ଖୋର୍ ସଙ୍ଗେ ସଙ୍ଗେ କହିଲା ନା ମା ଥାଉ, ସୁଜାତା ଦିଦି ଏବେ ୪ ଖଣ୍ଡ ଭଲ ଲୁଗା ଦେଇଛନ୍ତି, ତାକୁ ମୁଁ ବାହା-ବଜାର ଗଲେ ପିନ୍ଧୁଛି। ଆପଣ ଯେଉଁ ଲୁଗା ଦିଅନ୍ତି ସେ ଗୁଡା ବେଶିଦିନ ଘରେ ବି ପିନ୍ଧି ହୁଏନି। ମୁଁ ନିଜକୁ ହାରିବା ଦେଖି ପାରିବିନି, ତ ଛବିକୁ ଧମକଟେ ଦେଲି ଏତେ ଭଲ ସେ ଦିଦି ତ ମୋ ଘର ଓ ମୋ ଭଡାଟିଆଙ୍କ ଘର କାମ ଛାଡି ଦଉନୁ। ସେ ଗୋଡ କଚି ରୋଷେଇ ଘରକୁ ଚାଲିଗଲା। ସକାଳୁ ଆମେ ଦମ୍ପତି ବାହାରେ ବସି ଚାହା ପିଉ। ହେଲେ ଏ ତିନି ମାସରେ ସେ ଶହିଦ ଭବନ ରୁ ଭାସି ଆସୁଥିବା ରକମ-ରକମ ଫୁଲର ବାସ୍ନା ମତେ ଭାରି ଅଣନିଶ୍ୱାସୀ କରି ପକାଉଛି। ଥରେ ଥରେ ତ ତାଙ୍କ ପାଚେରୀ ପାରି ହେଇ ବାଇଗଣୀ ଅପରାଜିତା ଲତା ମୋ ଆଡେ ମାଡି ଆସନ୍ତି ତ ମୁଁ ସିଧା କଇଁଚି ଧରି କାଟି ସେ ଲତା ସବୁ ତାଙ୍କ ପଟକୁ ଫିଙ୍ଗିଦିଏ। ମୁଁ ବାସ୍ ଏସବୁ କରେ କି ସେ ସୁଜାତା ମୋତେ କିଛି କହୁ ଆଉ ମୁଁ ବିଜୟୀ ହେବାର ସ୍ୱାଦଟା ଚାଖେ। ହେଲେ ସେ ଆଉ ତାର ସେ ବୁଢ଼ା ବାପା କିଛି କୁହନ୍ତିନି ବରଂ ହାତ ଯୋଡି ଗଛକୁ କ୍ଷମା ମାଗନ୍ତି, ଗଛ ସହ କଥା ହୁଅନ୍ତି ସତେ କି ତାଙ୍କ ଛୁଆ। ମୋର ଶାଶୁଙ୍କ ଶ୍ରାଦ୍ଧ ଲାଗି ଜାନୁଆରୀ ଶେଷରେ ଗାଁକୁ ଯିବାଟା ଦଶ ବର୍ଷର ଗୋଟେ ରୁଟିନ୍। ଜାନୁଆରୀ ଶେଷ ଶେଷ ଆଉ ତାଙ୍କ ବଗିଚା ଅଧା ପାଗରେ ବେଶ୍ ଫୁଲ ମୟ।

ହେଲେ ଆଜି ୧୦ ଦିନ ପରେ ଫେରି ତା' ବଗିଚା ଅବସ୍ଥା ଦେଖି ବେଶ୍ ଖୁସି ହେଲି। ସନ୍ଧ୍ୟା ଟା ବେଳେ ଯାଇ ଛବିକୁ ଫୋନ୍ କଲି ସେ ତୋ ସୁଜାତା ଦିଦି କୁଆଡେ ଗଲେ କି? ଆଉ ତୁ କ'ଣ ତା' ବଗିଚା ଦେଖା ଶୁଣା କରୁନୁ କି? ସେ ବହୁ କଷ୍ଟରେ କହିଲା ମା' ମୋ ଦେହ ବହୁତ ଖରାପ, ସୁଜାତା ଦିଦି ଆଉ ତାଙ୍କ ବାପା ଦିଲ୍ଲୀ ଯାଇଛନ୍ତି ବୋଲି କହିଥିଲେ। ମୁଁ ତା କଥା ଅଧାରେ, ରଖି କହିଲି ହଁ ଦିଲ୍ଲୀ ପ୍ରଧାନ ମନ୍ତ୍ରୀ ଡାକିଥିବେ ତାକୁ ଏମିତି ପାର୍କଟେ କରିଛି ବୋଲି! ହୁଁ ଗାଁକୁ ଯାଇଥିବ, ଲାଜ ଲାଗିବ ବୋଲି ଦିଲ୍ଲୀ କହିଛି, ହଉଛାଡ ତୁ କାଲିଠାରୁ ଆସିଯିବୁ ମୁଁ ଫେରି ଆସିଲିଣି।

ହଠାତ୍ ମୋ ସ୍ୱାମୀ ପାଟି କରି ଡାକିଲେ ଏ ମାନସୀ ଜଲଦି ଆସ, ନିଉଜ ଦେଖ..... ଦେଖ.....ମୁଁ ଅନିଚ୍ଛାରେ ଗଲି, ନିୟୁଜ୍‌ର ଭଲ୍ୟୁମଟା ବଢ଼ାଇ ଦେଲେ ସେ। ଆରେ ଏ କ'ଣ ରାଷ୍ଟ୍ରପତି ଭବନର କ'ଣ ଗୋଟେ ପ୍ରୋଗ୍ରାମ, ଏଁ ଆଗ ଧାଡିରେ କ'ଣ ସେ ସୁଜାତାର ବୁଢ଼ା ବାପା ହ୍ୱିଲ୍ ଚେୟାରରେ! ମୁଁ ଲଥ୍ କିନା ବସିଗଲି, କାନରେ ଠାଏ ଠାଏ ବାଜୁଥାଏ ଓଡିଶା ମାଟି ଗର୍ବିତ ମେଜର ମନୋଜ ମହାନ୍ତିଙ୍କୁ ପାଇ। ଦେଶ ଲାଗି ଲଢ଼ି ସେ ବମ୍ୱେଠାରେ ହୋଇଥିବା ସନ୍ତ୍ରାସବାଦୀଙ୍କ ଗୁଳିମାଡରେ ଟଳିପଡିଲେ, ବାପ-ମାଙ୍କ ଏକମାତ୍ର ପୁଅ, ବାସ୍ ତିନି ମାସର ବୈବାହିକ ଜୀବନ, ସବୁ ପଛରେ ପକାଇ ମେଜର ମନୋଜ ଦେଶ ଲାଗି ଶହିଦ୍ ହୋଇଗଲେ, ଯାହାଙ୍କ ତ୍ୟାଗ ଯୋଗୁ ବମ୍ୱେର ଅନେକ ବଡ ବଡ ଧ୍ୱଂସ ହେବାରୁ ରକ୍ଷା ପାଇଗଲା, ତାଙ୍କର ଧର୍ମପତ୍ନୀ ସୁଜାତା ମହାନ୍ତିଙ୍କୁ ରାଷ୍ଟ୍ରପତି ତାଙ୍କ ସ୍ୱାମୀଙ୍କ ପରମବୀର ଚକ୍ର ପ୍ରଦାନ କରୁଛନ୍ତି। ମୋ ଆଖିରୁ ଲୁହ ଝରିବାକୁ ଲାଗିଲା, ସୁଜାତା ମଠା ଶାଢ଼ୀ ସେମିତି ଠାକୁରାଣୀ ପରି ଚେହେରା, ନିର୍ବିକାର ନା ହସ ନା କାନ୍ଦ ରାଷ୍ଟ୍ରପତିଙ୍କଠାରୁ ସ୍ୱାମୀଙ୍କ ଲାଗି ଏତେବଡ ପୁରସ୍କାର ଗ୍ରହଣ କରୁଥିଲା, ଟିଭି ବାଲା ବି ଜୁମ୍ କରି ତା' ମୁହଁ ଆଡେ କ୍ୟାମେରା ଟା କରିଦେଲେ, ତା' ଆଖି ଯେମିତି ମୋ ଆଖିରେ ମିଶି ଯାଉଥାଏ, ଯେମିତି ଏ ଆଖି ମୋତେ ଅନେକ ପ୍ରଶ୍ନ ପଚାରୁଛି, ମୁଁ ଭୋ ଭୋ କି କାନ୍ଦିବାକୁ ଲାଗିଲି, ମୋ ସ୍ୱାମୀ ହତବାକ୍ ହେଇ ପଚାରୁଥିଲେ କ'ଣ ହେଲା ମାନସୀ? ମୁଁ ସେମିତି କାନ୍ଦି କାନ୍ଦି କହୁଥିଲି ଆମ ନାତି ଯେଉଁ ସ୍କୁଲରେ ପଢୁଛି, ସେ ସ୍କୁଲକୁ ସନ୍ତ୍ରାସବାଦୀଙ୍କ କବଳରୁ ଏଇ ମେଜର ମନୋଜ ହିଁ ରକ୍ଷା କରିଥିଲେ। ସେ ମରି ମୋ ନାତି ପରି କେତେ ଛୁଆଙ୍କୁ ଜୀବନ ଦେଲେ। ଧିକ୍ ମୋ ଜୀବନ, ମାତ୍ର ତିନିମାସର ବିବାହିତା ଗୋଟେ ଶହିଦ୍‌ର ବିଧବା ଆଉ ଶ୍ୱଶୁରଙ୍କ ଦାୟିତ୍ୱ ନେଇ ବାସ୍ ନିଜ ଗଛ ଲତାକୁ ନିଜ ଛୁଆ ଭଳି ସ୍ନେହ ବାଢୁଛି, ବାସ୍ ନିଜ ଭିତର ଦୁଃଖକୁ ରଙ୍ଗ ବେରଙ୍ଗ ଫୁଲ ବଗିଚାରେ ଭରି ସେ ତା ଜୀବନର ବେରଙ୍ଗତାକୁ ଲୁଚାଇ ଚାଲିଥିଲା ଆଉ ମୁଁ କେତେ ନିଚ କଥା ସବୁ ଛି....ଛି.....

ବାସ୍ ସକାଳୁ ଉଠି ଆଉ ଚା ନ କରି ମୋ ସ୍ୱାମୀଙ୍କୁ ଡାକିଲି ଆସ, ସେ ପଚାରିଲେ କୁଆଡେ? ଶହିଦ୍ ଭବନକୁ ସେ ନ ଫେରିବା ଯାଏଁ, ଆମ ପାଣି ପାଇପ୍‌ଟା ପାଚେରୀ ପାରକରି ବଗିଚାକୁ ଜୀବନ ଦେବା। ମୋ ସ୍ୱାମୀ ତାଟକା... ତଥାପି ଚାଲିଲେ। ମୁଁ ଗଛଗୁଡିକୁ ପାଣି ଦେବାରେ ଲାଗିଲି, ମନେମନେ କହୁଥିଲି ଏ ଶହିଦ୍ ଭବନରେ ଆଉ ଗୋଟେ ଲତାକୁ ବି ମରିବାକୁ ଦେବିନି, ସେତିକି ବେଳେ ଛବି ଆସିଲା, ଆରେ ମା' ଏ କ'ଣ ଆପଣ ଠିକ୍ ଅଛନ୍ତି ତ? ତାକୁ କହିଲି ହଁ ଏବେ ଠିକ୍ ଅଛି, ଆଗରୁ ସେ ପ୍ରହେଳିକା କାଲି ମୋ ଆଖିରୁ ଲୁହ ହେଇ ବୋହି ଯାଇଛି, ଆ' ତୁ ବି ଲାଗିପଡ, ଘର କାମ ପରେ ହବ। ଏ ଶହିଦ୍ ଭବନ ସବୁ ବେଳେ ଫୁଲ, ପତ୍ର, ରଙ୍ଗ, ବାସ୍ନାରେ ଭରି ରଖିବା ଦାୟିତ୍ୱ ଆମର.......

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ



ବାଲେଶ୍ୱର (ପିଏନ୍)- ଶିଶୁ ଶ୍ରମ ନିରାକରଣ, ଶିଶୁମାନଙ୍କ ଅଧିକାର ଏବଂ ବେଆଇନ ଭାବେ ଶିଶୁଙ୍କୁ କାର୍ଯ୍ୟରେ ନିୟୋଜନ ପାଇଁ ଆଇନରେ ରହିଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ "ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ" ଆଜି ପୂର୍ବାହ୍ନରେ ସ୍ଥାନୀୟ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ଯାତ୍ରା ଆରମ୍ଭ କରିଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ଓଡିଶା ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହି ରଥ ଜିଲ୍ଲାର ବିଭିନ୍ନ ସହରାଂଚଳ ଓ ବ୍ଲକ ଗସ୍ତ କରି ଲୋକମାନଙ୍କୁ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କରେ ସଚେତନ କରିବ । ୧୪ ବର୍ଷ ପୂର୍ଣ୍ଣ କରି ନ ଥିବା ଶିଶୁଙ୍କୁ କୌଣସି ପ୍ରକାର ବୃତି ଏବଂ ପ୍ରକ୍ରିୟାରେ ତଥା ୧୫ ବର୍ଷରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ ବୃତି ଓ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତବ୍ୟ ଅପରାଧ ହୋଇଥିବା ବେଳେ ଏପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହ କାରାଦଣ୍ଡ ପାଇଁ ଆଇନରେ ବ୍ୟବସ୍ଥା ରହିଛି । କିଛି ଦିନର ସଚେତନତା କାର୍ଯ୍ୟକ୍ରମ ପରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ଅଂଚଳରେ ଚଢଉ ଆରମ୍ଭ କରାଯାଇ ଜିଲ୍ଲାରେ ଶିଶୁ ଶ୍ରମିକଙ୍କ ବାସ୍ତବିକ୍ ସ୍ଥିତିର ଆକଳନ କରାଯିବା ସହିତ ଆଇନ ଉଲ୍ଲଙ୍ଘନ କ୍ଷେତ୍ରରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ଅଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଏହି ଅବସରରେ ଆମ ଜିଲ୍ଲା ତଥା ରାଜ୍ୟକୁ ଶିଶୁ ଶ୍ରମ ମୁକ୍ତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ସମସ୍ତଙ୍କ ସହଯୋଗ କାମନା କରିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ବୃନ୍ଦାବନ ସେଠୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ୫-ଟି ଯୋଜନାରେ ବଦଳୁଛି ସ୍କୁଲର ନକ୍ସା, ସୃଦୃଢ ହେଉଛି ଶିକ୍ଷା ବ୍ୟବସ୍ଥା



ଧର୍ମଶାଳା (ପିଏନ୍): ବିଦ୍ୟାଳୟଗୁଡିକର ଭିତିଭୂମିକୁ ସୁଦୃଢ଼ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ୫-ଟି ମାଧ୍ୟମରେ ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏହି ୫-ଟି ମାଧ୍ୟମରେ ରୁପାନ୍ତରିତ ସ୍ମାର୍ଟ କ୍ଲାସ ରୁମରେ ବସି ପାଠ ପଢ଼ିବା ସହିତ ଅତ୍ୟାଧୁନିକ ବ୍ୟବସ୍ଥାକୁ ଦେଖି ଖୁସି ଜାହିର କରୁଛନ୍ତି ଛାତ୍ରଛାତ୍ରୀ। ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୬ଟି ହାଇସ୍କୁଲ ରୂପାନ୍ତରଣ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୫ଗୋଟି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ଚକାଚକ୍ କ୍ଲାସ ରୁମ। ରୂପାନ୍ତରିକରଣ ପରେ ବଦଳୁଛି କ୍ଲାସ ରୁମର ନକ୍ସା। ଛାତ୍ରଛାତ୍ରୀମାନଙ୍କ ପଢିବା ପାଇଁ ସୁନ୍ଦର ବେଂଚ୍ ଓ ଡେକ୍ସର ବ୍ୟବସ୍ଥା ସହ ଅତ୍ୟାଧୁନିକ ଜ୍ଞାନ କୌଶଳର ବିନିଯୋଗ ହୋଇଛି। ଏହି ଯୋଜନାରେ ଧର୍ମଶାଳା ବ୍ଲକ ଜାରକା ପଂଚାୟତର ଅମରେଶ୍ୱରୀ ଉଚ୍ଚ ବିଦ୍ୟାଳୟ ସୁନ୍ଦର ପରିବେଶ ସାଙ୍ଗକୁ ଶିକ୍ଷା ପ୍ରତି ପିଲାମାନଙ୍କୁ ଆକୃଷ୍ଟ କଲା ଭଳି ବ୍ୟବସ୍ଥାକରାଯାଇଛି । ଏଠାରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ଲ୍ୟାବ, କମ୍ପ୍ୟୁଟର ହଲର ବ୍ୟବସ୍ଥା ହୋଇଛି। ଡିଜିଟାଲ ବୋର୍ଡରେ ପାଠପଢି ସ୍ମାର୍ଟ ହେଉଛନ୍ତି ଛାତ୍ରଛାତ୍ରୀ। ନୂଆ ରୂପରେ ହାଇସ୍କୁଲ ଝଲସୁଥିବା ବେଳେ କ୍ଲାସ ରୁମରେ ଅତ୍ୟାଧୁନିକ ବ୍ୟବସ୍ଥାକୁ ଦେଖି ଖୁସି ଜାହିର କରିଛନ୍ତି ଛାତ୍ରଛାତ୍ରୀ। ରାଜ୍ୟ ସରକାରଙ୍କ ଏଭଳି ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରୁଛନ୍ତି ଅଧ୍ୟୟନରତ ଛାତ୍ରଛାତ୍ରୀ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ। ବିଦ୍ୟାଳୟରେ କେବଳ ପାଠପଢା ନୁହେଁ ଏହି ବ୍ୟବସ୍ଥାରେ ଆନୁସଙ୍ଗିକ ଉପକରଣ ସହ ଶାରିରୀକ ଶିକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବିଭିନ୍ନ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

# ମହିଳାମାନଙ୍କ ରୋଜଗାରର ମାଧ୍ୟମ ସାଜିଛି ଧୂପକାଠି



ଖୋର୍ଦ୍ଧା (ପିଏନ)- ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଂଚାୟତ ଅନ୍ତର୍ଗତ ସାଲତରା ଗ୍ରାମରେ ୨୦୧୮ ମସିହାରୁ ଯାଜ୍ଞସେନୀ ପ୍ରଡ୍ୟୁସର ମହିଳା ଗ୍ରୁପ ଓରମାସ ସହଯୋଗରେ ଭଡାଘରେ ଧୂପକାଠି ତିଆରି କରି ମହିଳାଙ୍କୁ ଆତ୍ମନିର୍ଭରଶୀଳ କରି ପାରିଛି । ଯାହାକି ୬ ଟି ମେସିନରେ ୩୦ ଜଣ ମହିଳା ସିଫ୍ଟ ଅନୁଯାଇ ଦିନକୁ ୩ କ୍ୱିଂଟାଲ ଧୂପକାଠି ବାହାର କରି ଖରାରେ ଶୁଖାଇ ଝୁଣା, ଗୁଗୁଳ, କସ୍ତୁରୀ ଓ ଚନ୍ଦନ ବତୀ କରି ବିଭିନ୍ନ ଓଜନର ପ୍ୟାକେଟ ପ୍ରସ୍ତୁତ କରିଥାନ୍ତି। ଏହା ଅଧକିଲୋ ପ୍ୟାକେଟରେ ୫ଶହ ଧୂପକାଠିକୁ ୧ ଶହ ଟଙ୍କାରେ ବିକ୍ରୀ କରିଥା'ନ୍ତି। ଏହି ବତୀଗୁଡିକ ନିର୍ମାଣରେ ବ୍ୟବହୃତ ହେଉଥିବା କଂଚାମାଲ ଯଥା: ବାଉଁଶକାଠି,କୋଇଲା ଗୁଣ୍ଡ (ଚାର୍ପୁଲ) ଓ ଉଡ ପାଉଡର ଦି ଗ୍ରେଡ(ଜୋଶ ପାଉଡର)କୁ କଟକ ଜିଲ୍ଲା ଜଗତପୁରଠାରୁ ଆଣିଥାନ୍ତି। ଏହା କମ ଦରରେ ଅଧିକ କାଠି ରହିଥିବାରୁ ବିଭିନ୍ନ ବ୍ୟବସାୟୀମାନେ କିଣିନେଇଥାନ୍ତି। ଏତଦ୍‌ବ୍ୟତୀତ ବିଭିନ୍ନ ଜିଲ୍ଲାରେ ହେଉଥିବା ଓରମାସର ପଲ୍ଲିଶ୍ରୀ ମେଳାରେ ଯୋଗଦେଇ ବିକ୍ରୀ କରିଥାନ୍ତି ବୋଲି ସଭାପତି ଝରଣା ଦଳେଇ ଓ ସମ୍ପାଦକ ସୁଶ୍ରୀ ସଙ୍ଗୀତା ନାୟକ କହିଛନ୍ତି। ଯଦି ସରକାରଙ୍କ ପକ୍ଷରୁ ଅଧିକ ସହଯୋଗ ମିଳିବ ତେବେ ନିଯୁକ୍ତିର ହାର ବଢିବା ସହ ଉତ୍ପାଦନ ଶକ୍ତି ବଢିପାରିବ ବୋଲି ସେମାନେ ଆଶା କରିଛନ୍ତି।

# କନକମଂଜରୀ ମହାବିଦ୍ୟାଳୟରେ ଉତ୍ତର କହିଛନ୍ତି ଅଧାପକ



ଘଷିପୁରା (ପିଏନ୍): ଆନନ୍ଦପୁର ଉପଖଣ୍ଡ ଶାଳପଡା ସ୍ଥିତ କନକ ମଂଜରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତଦୁଇ ପରୀକ୍ଷା ଚାଲିଥିଲା ଏବଂ ଏହା ହୋଇଥିଲା ଏକ ହବ୍ ସେଣ୍ଟର ଯେଉଁଠି କି ପରୀକ୍ଷାର୍ଥୀଙ୍କୁ ଉତ୍ତର ଡାକି ଦେଇଥିଲେ ଅଧାପକ । ଏଭଳି ଏକ ସଙ୍ଗୀନ ଅଭିଯୋଗ ଇ ମେଲ ଦ୍ୱାରା ଶିକ୍ଷା ବିଭାଗକୁ ଜଣାଇଛନ୍ତି ଜଣେ ଅଭିଭାବକ ଅଳୀ ପ୍ରଧାନ । ଅଭିଯୋଗକାରିଣୀ ଅଳୀ ପ୍ରଧାନଙ୍କ ଝିଅ କହିବା ଅନୁସାରେ କଲେଜରେ ସିସିଟିଭି ଲାଗିଥିବା ସତ୍ତ୍ୱେ ଅଧାପକମାନେ ଉତ୍ତର ଡାକି ଦେଉଥିଲେ। ଫଳରେ ସେମାନେ ୧୫ଜଣ ଝିଅ ଯୁକ୍ତଦୁଇ ପରୀକ୍ଷା ଦେଉଥିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେହି ୧୫ ଝିଅ ଅଧକ୍ଷ ଶ୍ରୀ ପ୍ରଦୀପ ମହାନ୍ତିଙ୍କୁ ଯାଇ ଅନୁରୋଧ କରିଥିଲେ ଏବଂ ସେହି ୧୫ଜଣ ଝିଅଙ୍କୁ ଅଲଗା ଗୋଟିଏ ରୁମ୍‌ରେ ପରୀକ୍ଷା କରାଇବାକୁ କହିଥିଲେ। କାରଣ ଏଭଳି ଉତ୍ତର ଡାକିଲା ବେଳେ ସେମାନଙ୍କର ଏକାଗ୍ରତା ଭଙ୍ଗ ହେଉଥିଲା । ଅଧକ୍ଷ ଶ୍ରୀ ମହାନ୍ତି ସେହି ଛାତ୍ରୀମାନଙ୍କ କଥାକୁ ଭୃକ୍ଷେପ ନକରିବାରୁ ସେହି ୧୫ଜଣ ଛାତ୍ରୀ ଶିକ୍ଷା ବିଭାଗକୁ ଇମେଲ ଜରିଆରେ ଅଭିଯୋଗ କରିଥିବା ଜଣାପଡିଛି ।

# ଝୁମ୍ପୁରା ପଂଚାୟତ ସମିତିର ବୈଠକ ଅନୁଷ୍ଠିତ



କେନ୍ଦୁଝର (ପିଏନ୍): ଝୁମ୍ପୁରା ପଂଚାୟତ ସମିତି କାର୍ଯ୍ୟାଳୟରେ ନିକଟରେ ଅନୁଷ୍ଠିତ ହୋଇଯାଇଛି ପଂଚାୟତ ସମିତିର ବୈଠକ। ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସଦର ବିଧାୟକ ମୋହନଚରଣ ମାଝୀ, ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକ, ବ୍ଲକ ଉପାଧକ୍ଷ ମାନସରଂଜନ ବିଶ୍ୱାଳ, ଏବିଡିଓ ଚୁନୁ ହାଁସଦାଃ, ସହକାରୀଯନ୍ତ୍ରୀ କୃଷ୍ଣଚନ୍ଦ୍ର ସାହୁ , ବ୍ଲକ ସ୍ତରୀୟ ସମସ୍ତ କନିଷ୍ଠ ଯନ୍ତ୍ରୀ, ଶିଶୁବିକାଶ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ଉଦ୍ୟାନ ବିଭାଗ, କୃଷି ବିଭାଗ,ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ବିଦ୍ୟୁତ ବିଭାଗର ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ବୈଠକରେ ଝୁମ୍ପୁରା ବ୍ଲକର ୨୨ଗୋଟି ଗ୍ରାମ ପଂଚାୟତର ସରପଂଚ, ସମିତି ସଭ୍ୟ/ସଭ୍ୟାଙ୍କ ସହିତ ୩ଟି ଜୋନର ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ । ବୈଠକରେ ମନରେଗା ଏବଂ ଗ୍ରାମାଚଂଳରେ ପାନୀୟ ଜଳ ସମସ୍ୟା ନେଇ ଉଦ୍‌ବେଗ ପାଇଥିବା ବେଳେ ଅଙ୍ଗନବାଡୀ କେନ୍ଦ୍ରଗୁଡିକରେ ନିୟମିତ ଖାଦ୍ୟ ଏବଂ ସଠିକ୍ ପରିମାଣ ଅଣ୍ଡା ଦିଆଯାଉ ନଥିବା ଅଭିଯୋଗ ହୋଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା,ଭତା ସମ୍ପର୍କିତ ବିଭିନ୍ନ ପଂଚାୟତ ପ୍ରତିନିଧିଙ୍କ ସମସ୍ୟାଗୁଡିକ ଉପରେ ସବିଶେଷ ଆଲୋଚନା କରାଯାଇ ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ପ୍ରସ୍ତାବ ଗୃହିତ ହୋଇଥିଲା।




# ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି । ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା । ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି । ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି । ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬, ୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି । ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି । ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି । ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ ବ୍ୟବହାର କରିପାରିବୁ ନାହିଁ । ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି । ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ । ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି । ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ । ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା । ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ । ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି । ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ । ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ ପ୍ରଦାନ କରୁଛୁ । ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି । ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ । ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି । ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ

ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି । ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ । ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି । ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ । ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ । ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ । ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ । ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା । ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# ଜମାତ ଅହମଦିୟାର 'ୟୋମେ ମସିହ ମଉଦ' ପ୍ରତିଷ୍ଠା ଦିବସ





ଭୁବନେଶ୍ୱର,(ପି.ଏନ): ଅହମଦିୟା ମୁସଲିମ ଜମାତ୍ ଭୁଅବନେଶ୍ୱର ପକ୍ଷରୁ 'ୟୁମେ ମସିହ ମଉଦ' (ପ୍ରତିଷ୍ଠା ଦିବସ) ପାଳିତ ହୋଇଛି । ଅହମଦିୟା ମୁସଲିମ ଜମାତ୍ ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ୨୩ ମାର୍ଚ୍ଚ ୧୮୮୯ ମସିହାରେ ହୋଇଥିଲା । ଏଣୁ ସମଗ୍ର ବିଶ୍ୱରେ ଅହମଦିୟା ମୁସଲିମ ସଂପ୍ରଦାୟର ଅନୁଗାମୀ ୨୩ ମାର୍ଚ୍ଚକୁ ପ୍ରତିଷ୍ଠା ଦିବସ ରୂପେ ପାଳନ କରିଥାନ୍ତି । ଏହି ସଂଗଠନର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦଙ୍କ ପରଲୋକ ପରେ ଏହି ସଂଗଠନରେ ଖିଲାଫତ (ଉତରାଧିକାରୀ ) ପ୍ରଥା ପ୍ରଚଳିତ ହୋଇଥିଲା । ବର୍ତମାନ ଏହି ସଂସ୍ଥାର ପଞ୍ଚମ ଖାଲିଫା ହଜରତ ମିର୍ଜା ମସରୁର ଅହମଦଙ୍କ ତତ୍ୱାବଧାନରେ ଅହମଦିୟା ଜମାତ ବିଶ୍ୱର ୨୧୩ଟି ଦେଶରେ ବିଶ୍ୱ ଶାନ୍ତି ଓ ଭାତୃତ୍ୱ ଭାବ ସ୍ଥାପନ ଓ ମାନବ ସେବା କ୍ଷେତ୍ରରେ ନିରନ୍ତର କାମ କରୁଛି । ଏହି ଅବସରରେ ଅହମଦିୟା ମୁସଲିମ ସଂପ୍ରଦାୟ ଭୁବନେଶ୍ୱର ପକ୍ଷରୁ ୟୁନିଟ -୪ ସ୍ଥିତ ମସଜିଦ ହମଦ ଠାରେ ଜନାବ ମୁହମ୍ମଦ ନୁରୁଦ୍ଦିନ ଅମିନ ପ୍ରେସିଡେଣ୍ଟ ଅହମଦିୟା ମୁସଲିମ ଜମାତ ଭୁବନେଶ୍ୱଙ୍କ ଅଧକ୍ଷରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ଖାଲିଦ ଅହମ୍ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ର ପ୍ରାରମ୍ଭ ପବିତ୍ର କୁରାନର ପଠାରୁ କରାଯଇଥିଲା ତତ ପରେ କବିତା ଆବୃତି ଓ ଏହି ଅବସର ଉପଲକ୍ଷେ ବିଭିନ୍ନ ବକ୍ତୃତା ଶେଖ ଇରଫାନ, ସମୀର ଅହମଦ ଓ ମୁଖ୍ୟ ପ୍ରଚାରକ ହଲିମ ଖାନଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ନାଏବ ଅମିର ଡାକ୍ତର ଜହିରୁଦ୍ଦିନ ଖାନ , ସୟଦ ଶକିଲ ରହମାନ , ତାହିର ଅହମଦ ଖାନ , ଅହମଦ ସଲାମ ,ଶାମିମି ଅହମଦ , ମୁବାରକ ଅହମଦ ଖାନ ଏବଂ ଅବଦୁଲ ସଲାମ ପରିଚାଳନା କରିଥିଲେ ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଗଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟଷ୍ମ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି ।

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ'ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟାମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭତିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସୃତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ । ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।




# ବିଦ୍ୟୁତ୍ କମ୍ପାନୀକୁ ଛାଡ଼, ଗ୍ରାହକ ମୁଣ୍ଡରେ ଅଠା ବୋଳିବେ ରାଜ୍ୟ ସରକାର

ବ୍ରହ୍ମପୁର (ପିଏନ୍): ଏକ ଜନକଲ୍ୟାଣ ରାଜ୍ୟରେ ସାଧାରଣ ଜନତାଙ୍କୁ ସୁବିଧା ସୁଯୋଗ ଦେବା ସରକାର ପ୍ରାଥମିକ ଦେବା ଉଚିତ। କିନ୍ତୁ ରାଜ୍ୟ ସରକାର ନିଜର ଅପାରଗତା ଏବଂ ବେପରୁଆ ମନୋଭାବ ଯୋଗୁ ଗତ ୧୦ ବର୍ଷରେ ଗ୍ରୀଡ଼କୋର କ୍ଷତି ହୋଇଥିବା ୭୭୮୮ କୋଟି ଟଙ୍କା ବିଦ୍ୟୁତ ଦର ବୃଦ୍ଧି କରି ରାଜ୍ୟର ୯୫ ଲକ୍ଷ ଉପଭୋକ୍ତାଙ୍କ ଠାରୁ ଆଦାୟ କରିବା ପାଇଁ ଚକ୍ରାନ୍ତ କରୁଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘର ସଭାପତି ରମେଶ ଶତପଥୀ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସ୍ଥାନୀୟ ସିଟି ପେଲେସ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶତପଥୀ କହିଲେ ରାଜ୍ୟ ସରକାର ରାଜ୍ୟର ବିଦ୍ୟୁତ ଉପଭୋକ୍ତାମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ନିରବିଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ୧୯୯୫ ମସିହାରେ ରାଜ୍ୟ ବିଦ୍ୟୁତ ବୋର୍ଡକୁ ଭାଙ୍ଗି ବିଦ୍ୟୁତ ବିଭାଗରେ ସଂସ୍କାର ଆଣିଲେ । ପ୍ରଥମେ ପରିଚାଳନା ଗତ ଅପାରଗତା ଯୋଗୁ ସ୍ୱଳ୍ପ ମୂଲ୍ୟରେ ଟି.ଟି.ପି.ଏସ ଓ ଏନ.ଟି.ପି.ସିକୁ ବିକ୍ରି କଲେ । ରାଜ୍ୟ ସରକାରଙ୍କ ନିଜସ୍ୱ କମ୍ପାନୀ ଗ୍ରୀଡ଼କୋ ଓ ଜଳ ବିଦ୍ୟୁତ ନିଗମ ଗଠନ କଲେ । ଗ୍ରୀଡ଼କୋ ଦାୟିତ୍ୱରେ ବିଦ୍ୟୁତ ସରବରାହ, ବିଦ୍ୟୁତ କିଣା, ବିଦ୍ୟୁତ ବିତରଣ ଦାୟିତ୍ୱ ରହିବାବେଳେ ଜଳ ବିଦ୍ୟୁତ ନିଗମ (ଓ.ଏଚ.ପି.ସି) ରାଜ୍ୟର ସମସ୍ତ ଜଳ ବିଦ୍ୟୁତ ପ୍ରକଳ୍ପର ରକ୍ଷଣାବେକ୍ଷଣା ନୂଆ। ଜଳ ବିଦ୍ୟୁତ ପ୍ରକଳ୍ପ ମାନ ନିର୍ମାଣ କରି ସ୍ୱଳ୍ପ ମୂଲ୍ୟରେ ରାଜ୍ୟର ବିଦ୍ୟୁତ ଗ୍ରାହକଙ୍କୁ ବିଦ୍ୟୁତ ଯୋଗାଇବାର ବ୍ୟବସ୍ଥା ରଲେ । ପରବର୍ତ୍ତୀ ସମୟରେ ବିଦ୍ୟୁତ ବିତରଣ ଦାୟିତ୍ୱ ୪ଟି ବିତରଣ କମ୍ପାନୀ ସେସ୍କୋ, ନେସ୍କୋ, ସାଉଥକୋ, ସିକୋ ଗଠନ କରାଯାଇ ବିଦ୍ୟୁତ ଗ୍ରାହକଙ୍କୁ ଉନ୍ନତ ମାନର ବିଦ୍ୟୁତ ଓଇଆରସି ନିର୍ଦ୍ଧାରିତ ରେଟରେ ଯୋଗାଇଦିଆଯାଇ ଅର୍ଥ ଆଦାୟ କରିବାର ଦାୟିତ୍ୱ ଦିଆଗଲା। ଏହି ସମସ୍ତ କମ୍ପାନୀ ରାଜ୍ୟ ସରକାରଙ୍କର ନିଜସ୍ୱ କମ୍ପାନୀ ଭାବେ କାମ କଲା । ୧୯୯୯ ମସିହାରେ କମ୍ପାନୀ ଗୁଡିକର ୫୧ ପ୍ରତିଶତ ଅଂଶଧନକୁ ରାଜ୍ୟ ସରକାର ବିକ୍ରି କରି ତାର ମାଲିକାନାକୁ ଘରୋଇ କମ୍ପାନୀ ହାତରେ ଟେକିଦେଲେ। ସେସ୍କୋର ଦାୟିତ୍ୱ ଆମେରିକାର ଏ.ଇ.ଏସ କମ୍ପାନୀ ଓ ଅନ୍ୟ ୩ଟି କମ୍ପାନୀ ନେସ୍କୋ, ସିସ୍କୋ, ସାଉଥକୋର ଦାୟିତ୍ୱ ବିଏସଇଏସ/ ରିଲିଆନ୍ସକୁ ଦିଆଗଲା। ପରବର୍ତ୍ତୀ ସମୟରେ ସମସ୍ତ କମ୍ପାନୀ ଏଥିରୁ ଓହରିଯାଇ କୋଟି କୋଟି ଟଙ୍କା ହଡ଼ପ କରିଥିଲେ ମଧ୍ୟ ରାଜ୍ୟ ସରକାର ନୀରବ ସାଜିବା ଆଶ୍ଚର୍ଯ୍ୟଜନକ। ଓଇଆରସିର ଚିଠି ପାଇଲା ପରେ ୨୦୧୦ ମସିହାରେ ରାଜ୍ୟ ସରକାରଙ୍କର ଏକ କାପେ ଯୋଜନା କରି ୨୪୦୦ କୋଟି ଟଙ୍କା ୩ ବର୍ଷରେ ଖର୍ଚ୍ଚ କରିବାର ନିର୍ଦ୍ଦେଶ ବିତରଣ କମ୍ପାନୀ ମାନଙ୍କୁ ଦେଲେ। ୨୦୧୬ ସୁଦ୍ଧା ମାତ୍ର ଖର୍ଚ୍ଚ ହେଲା ୯୨୦ କୋଟି ଟଙ୍କା ତାହା କେବଳ ଜିନିଷ କିଣାରେ ହେଲେ କାମ କଣ ହେଲା ପ୍ରକୃତରେ ଖର୍ଚ୍ଚ ହେଲା କି ନାହିଁ କେହି ଜାଣିଲେ ନାହିଁ । ଏଟିସି ଲସ କମିଲା ନାହିଁ ବଢି ଚାଲିଲା । ଓଇଆରସି ନିର୍ଦ୍ଦେଶକୁ ମଧ୍ୟ ଗୁରୁତ୍ୱ ଦେଲେ ନାହିଁ । ରିଲିଆନ୍ସ ତାର ଅଂଶଧନକୁ ଅନ୍ୟ କମ୍ପାନୀକୁ ବିକ୍ରି କଲା । ଆମର ବିରୋଧ ଫଳରେ ୨୦୧୫ ରେ ଓଇଆରସି ନେସ୍କୋ, ସେସ୍କୋ, ସାଉଥକୋର ଲାଇସେନ୍ସ ରଦ୍ଦ କରି ରାଜ୍ୟର ଶକ୍ତି ସଚିବ ଓ ଗ୍ରୀଡ଼କୋର ସିଏମଡିଙ୍କ ହାତରେ ୩ଟି ଯାକ ବିତରଣ କମ୍ପାନୀର ସମସ୍ତ କାଯର୍ୟ୍ୟ ପରିଚାଳନା କରିବାର ନିର୍ଦ୍ଦେଶ ଦେଲେ । ବିଭିନ୍ନ ଯୋଜନାରେ ଅର୍ଥ ବିନିଯୋଗ ହେଲା, ହେଲେ ଅପଦାର୍ଥ, ଅଯୋଗ୍ୟ ଲୋକମାନଙ୍କ ଦ୍ୱାରା ଏହାର ସଠିକ ପରିଚାଳନା ହୋଇପାରିଲା ନାହିଁ କ୍ଷତି ବଢିବଢି ଚାଲିଲା । ଗ୍ରୀଡ଼କୋ। ଓଇଆରସି ନିକଟରେ ୨୦୨୨-୨୩ ବର୍ଷର ଯେଉଁ ତଥ୍ୟ ଉପସ୍ଥାପନା କଲେ ସେଥିରେ ଜଣାଇଲେ ଯେ, ବର୍ଷ ବର୍ଷ ଧରି ବିତରଣ କମ୍ପାନୀ ମାନଙ୍କର ଅପାରଗତା ଯୋଗୁ ୭୭୮୮ କୋଟି ଟଙ୍କା ବାକି ପଡ଼ିଛି । ଏହାଛଡ଼ା ଅଧିକ ଟଙ୍କାରେ ବିଦ୍ୟୁତ କିଣି କମ ପଇସାରେ ବିକ୍ରି କରିବା ଫଳରେ ବ୍ୟାଙ୍କ ଠାରୁ ଆସିଥିବା ଋଣ ମିଶି ୬୫୦ କୋଟି ହେଲାଣି । ଏହି ଅର୍ଥ ସବୁକୁ ବିଦ୍ୟୁତ ଗ୍ରାହକଙ୍କ ଠାରୁ ଆଦାୟ କରାଯିବାର ଆବଶ୍ୟକତା ଅଛି । ଓଇଆରସି ଏହାକୁ ଗ୍ରହଣ ନକରିବାରୁ ଗ୍ରୀଡ଼କୋ। ନୂଆ। ପନ୍ଥା ବାହାର କରି ଝିଙ୍ଗ -ଅଫ ଆଧାରରେ ଓଇଆରସିର ଦ୍ୱାରସ୍ଥ ହୋଇ ୨୦୧୫-୧୬ ରୁ ୨୦୧୯-୨୦ ପଯର୍ୟ୍ୟନ୍ତ ୫୫୦୦ କୋଟି ଟଙ୍କା ଗ୍ରୀଡ଼କୋର ପ୍ରକୃତ ଖର୍ଚ୍ଚ ଦର୍ଶାଇ ବିଦ୍ୟୁତ ଗ୍ରାହକଙ୍କ ଠାରୁ ତାହା ଆଦାୟ କରିବାକୁ ଯେଉଁ ଦରଖାସ୍ତ ଦେଇଥିଲେ ଓଇଆରସି ତାକୁ ପ୍ରତ୍ୟାଖ୍ୟାନ କରି ସରକାର ଏହି ଅର୍ଥ ବଜେଟ ରଖି ଭରଣା କରିବାକୁ ପ୍ରସ୍ତାବ ଦେଇଥିଲା ବେଳେ ରାଜ୍ୟ ସରକାରଙ୍କର ଗ୍ରୀଡ଼କୋ। ଏହାକୁ କାଏମ ରଖିବା ପାଇଁ ଆପିଲେଟ ଟ୍ରିବୁନାଲକୁ ଯାଇଛନ୍ତି । ଯଦି ଟ୍ରିବୁନାଲ ଏହାକୁ ଗ୍ରହଣ କରନ୍ତି ତାହା ହେଲେ ବିଦ୍ୟୁତ ଗ୍ରାହକଙ୍କୁ ଏହି ଅର୍ଥ ଦେବାକୁ ପଡ଼ିବ ଓ ୨୦୨୩-୨୪ ବର୍ଷରେ ଟାରିଫ ବଢିବ । ଏହାକୁ ଆମମାନଙ୍କ ତରଫରୁ ବିରୋଧ କରାଯାଇଥିଲେ ମଧ୍ୟ ସମସ୍ତ ଉପଭୋକ୍ତା, ସଂଗଠନ ମାନେ ଏହାର ବିରୋଧ କରି ରାଜ୍ୟ ସରକାର ଏଥିରୁ ନିବୃତ ରହିବାକୁ ଦାବି କରନ୍ତୁ । ସାମ୍ବାଦିକ ସମ୍ମିଳନୀରେ ଉପଭୋକ୍ତା ମହାସଂଘ ତଥା ଓଏସଇବି ଶ୍ରମିକ ମହାସଂଘର ସଭାପତି ରମେଶ ଶତପଥୀଙ୍କ ସମେତ ସାଧାରଣ ସମ୍ପାଦକ ଜଗନ୍ନାଥ ମହାରଣା, ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥ, ଉପସଭାପତି ଏନ. ଭାସ୍କର ରାଓ, ସଦାନନ୍ଦ ଚୌଧୁରୀ, କାଳିପ୍ରସାଦ ମହାପାତ୍ର, ପ୍ରମୋଦ କୁମାର ଦାଶ, ଯଥା ଟିପିଏସଓଡିଏଲ ଏମପ୍ଲସ ୟୁନିଅନର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବିଷୋୟୀ, ନୀଳମାଧବ ଦାଶ, ଅଶୋକ ପଟ୍ଟନାୟକ, ଶିବଶଙ୍କର ଦାସ, ଗୋପୀନାଥ ପଣ୍ଡା, ଗୌରହରି ସାମଲ, ବସନ୍ତ କୁମାରୁ ପ୍ରାଣିଗ୍ରାହୀ ଓ ନରୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ମହାଗୁରୁ ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କୁ 'ବୈଷ୍ଣବ ଶିରିପା ଶ୍ରୀ' ସମ୍ମାନ ପ୍ରଦାନ

ଯାଜପୁର (ପିଏନ୍): ଯାଜପୁରର ଅକରପଡ଼ା ଗ୍ରା.ପ.ର ବଡ ଦୋଗଡ଼ା ବୈଷ୍ଣବ ସାହି ସ୍ଥିତ ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥଙ୍କର ମୁଖ୍ୟ ପୁରୋହିତ ପଣ୍ଡିତ ହୃଷିକେଶ ପତିଙ୍କ ପୌରୋହିତ୍ୟରେ ସଂବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଯାଜପୁରର ବିଶିଷ୍ଟ ସଂସ୍କୃତ ବିଶାରଦ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କୁ ବୈଷ୍ଣବ ସଂପ୍ରଦାୟ ତରଫରୁ 'ବୈଷ୍ଣବ ଶିରିପା ଶ୍ରୀ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲମୁକୁଳି କାହ୍ନୁପୁରର ଅଧିକାରୀ ଉମାକାନ୍ତ ଦାସ, ଇନ୍ଦାରୋଇ ଗ୍ରାମର ଅଧିକାରୀ ବୈଷ୍ଣବ ତପନ କୁମାର ଦାସ, ଆନନ୍ଦପୁରର ଅଧିକାରୀ ବୈଷ୍ଣବ ନାରାୟଣ ଚନ୍ଦ୍ର ଦାସ, ବୃନ୍ଦାବନପୁରର ଅଧିକାରୀ ବୈଷ୍ଣବ ପ୍ରଫୁଲ୍ଲ କୁମାର ଦାସ, ଓଳାଭର ନମ୍ତରା ଗ୍ରାମର ସୋନୁ ବାବା, ବଡ଼ଦୋଗଡ଼ା ବୈଷ୍ଣବ ବିଶ୍ୱମ୍ଭର ଦାସ, ତେନ୍ତୁଳିଢ଼ିହ ଅଧିକାରୀ ରାଧାକାନ୍ତ ଦାସ, ସୁବାସ ଚନ୍ଦ୍ର ଦାସ, ସୀତାକାନ୍ତ ଦାସ, କମଳାକାନ୍ତ ଦାସ, ବ୍ରଜକିଶୋର ଦାସ, ବସୁଦେବ ଦାସ, ଶ୍ରୀନାଥ ଦାସ, ବିବେକାନନ୍ଦ ଦାସ, ଆଲୋକ ଦାସ, ଭଗବାନ ଦାସ ପ୍ରମୁଖ ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ହୋଇ ବୈଷ୍ଣବ ଶିରିପା ପ୍ରଦାନ କରିଥିଲେ। ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ସମ୍ବର୍ଦ୍ଧନା ଏକ ଅନନ୍ୟ ପରଂପରା ଏବଂ ଏହାଦ୍ୱାରା ଉତ୍କଳୀୟ ଚେତନା ଓ ଗୌରବର ପ୍ରତିଷ୍ଠାତା ପୂର୍ବସୂରୀ ମାନଙ୍କର ପଦାଙ୍କ ଅନୁସରଣ କରି ବୈଷ୍ଣବ ସମ୍ପ୍ରଦାୟର ଅତୀତର ଗାଥାକୁ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ବିଦ୍ୟୁତଲତା ଦାସ, ମୁଖ୍ୟବକ୍ତାଭାବେ ଓ ବରିଷ୍ଠ ସେବାୟତ ମଞ୍ଜୁଲତା ଦାସ, ଅନ୍ନପୂର୍ଣ୍ଣା ଦାସ, ରେଣୁବାଳା ଦାସ ପ୍ରମୁଖ ସମ୍ମାନିତ ଅତିଥିମାନେ ଯୋଗଦେଇ ଉତ୍ସବର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଅଧିକାରୀ ନବକିଶୋର ଦାସ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବୈଷ୍ଣବ ପ୍ରୀତିକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ବହ୍ନିବଳୟରେ କନ୍ୟାସନ୍ତାନ

ସାରା ବିଶ୍ୱରେ ଥିବା ୬୫୦ କୋଟି ଜନସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ନାରୀ। ଦୁଃଖ ଯେ, ପୁରୁଷଙ୍କ ପରି ସେମାନେ ତ ସମାନ ନ୍ୟାୟ ପାଆନ୍ତି ନାହିଁ , ନ୍ୟାଯ୍ୟ ଅଧିକାର ଭୋଗକରନ୍ତି ନାହିଁ, ଅପରନ୍ତୁ ଶୋଷିତ ଓ ଅତ୍ୟାଚାରିତ ହୁଅନ୍ତି ଏବଂ ଏହାର ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅବଶ୍ୟ ସେମାନଙ୍କ ସୁରକ୍ଷା ଦେବାରେ ଏବଂ ଉନ୍ନତିଲେ ବିଭିନ୍ନ ଆଇନ୍ ରାଷ୍ଟ୍ରମାନେ ପ୍ରଣୟନ କରିଛନ୍ତି ଅଥଚ କାର୍ଯ୍ୟ ବା କାରଣକୁ ଏହା କାମରେ ଆସେ ନାହିଁ। ଏ ଦୃଷ୍ଟିରୁ ଏତିକି କୁହାଯାଇପାରେ ଯେ, ଯେଯାଏଁ ଲୋକମାନଙ୍କର ମାନସିକତାରେ ପରିବର୍ତ୍ତନ ନ ଘଟିଛି, ମହିଳାମାନଙ୍କ ଉପରେ ଚାଲିଥିବା ଆକ୍ରମଣ ଓ ଅତ୍ୟାଚାର ହ୍ରାସ ପାଇବା ଅସମ୍ଭବ। ନାରୀମାନଙ୍କ ପ୍ରତି ଚାଲିଥିବା ବଳାତ୍କାର, ଧର୍ଷଣ ଓ ହତ୍ୟାର ମାତ୍ରା ଦିନକୁଦିନ ମାତ୍ରାଧିକ ଭାବରେ ବଢ଼ିଚାଲିଛି । ମିଳିଥିବା ଏକ ରିପୋର୍ଟ ଅନୁସାରେ ୨୦୧୨ରେ ଭାରତରେ ୨୪, ୬୨୩ଟି ବଳାତ୍କାର ଘଟିଥିବା ବେଳେ ଏହି ବଳାତ୍କାର ସଂଖ୍ୟା ୨୦୧୩ ପାଇଁ ହୋଇଛି ୩୩,୭୦୭। ଓଡ଼ିଶାରେ ଏ ସଂଖ୍ୟା ସେହି ସମୟରେ ୧୪୫୮ରୁ ୧୮୩୨କୁ ବୃଦ୍ଧି ପାଇଛି। ଜାତୀୟ ଅପରାଧ ରେକଡ଼ ବ୍ୟୁରୋ ଗତବର୍ଷ




କରିଥିବା ସର୍ଭେ ଅନୁସାରେ ଗତବର୍ଷ ୩୩ ହଜାର ୭୮୯ଟି ମାମଲାମଧ୍ୟରୁ ସର୍ବାଧିକ ମାମଲା ହେଉଛି ଯୌତୁକଜନିତ ହତ୍ୟା। ଏହାର ମାତ୍ରା ହେଉଛି ୧୬.୭%। ସେହିପରି ୨୦୧୧ ତୁଳନାରେ ୨୦୧୩କୁ ଅପହରଣ ମାତ୍ରା ବଢ଼ିଛି ତିନିଗୁଣ। ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀ କନ୍ୟାମାନଙ୍କୁ ନେବା ଏବଂ ପରେ ଧର୍ଷଣ କରି ଦଲାଲ ହାତରେ ଟେକି ଦେବା ଅଥବା ହତ୍ୟା କରିବା ଅପହରଣର ହେଉଛି ଶେଷ ପରିଣତି।

ବିଶ୍ୱ, ବିଶେଷ କରି ଭାରତୀୟମାନଙ୍କର ନାରୀପ୍ରତି ଥିବା ଅସମାନତା ମାନସିକତାର ଅନ୍ୟତମ ଉଦାହରଣ ହେଉଛି କନ୍ୟାଭୃଣ ହତ୍ୟା। ଏକ ପରିସଂଖ୍ୟାନ ଅନୁସାରେ ଗତ ୨୦ ବର୍ଷ ମଧ୍ୟରେ ଭାରତର କନ୍ୟାଭୃଣ ହତ୍ୟା ସଂଖ୍ୟା ପ୍ରାୟ ଏକ କୋଟୀରୁ ଅଧିକ। ଏହାସବୁ ବେଆଇନ୍ ଗର୍ଭପାତ। ଏହାର ଅର୍ଥ ହେଲା ବେଆଇନ୍ ଭାବେ ସୋନୋଗ୍ରାଫି ଜରିଆରେ ଗର୍ଭସ୍ଥ ଭୃଣର ଲିଙ୍ଗ ନିରୂପିତ ହେଉଛି। ଏହା ଯଦି କନ୍ୟା, ତାକୁ ସେ ଭୃଣରୁ ହତ୍ୟା କରାଯାଉଛି ଏବଂ ତାକୁ ବର୍ଜ୍ୟବସ୍ତୁ ଆକାରରେ କୋଉଠି ଫିଙ୍ଗି ଦିଆଯାଉଛି। ଏମିତି ସବୁ କାରଣକୁ ଶିକାର ହୁଏ ନାରୀ, ହ୍ରାସ ହୁଏ ତା' ସଂଖ୍ୟା।

ମିଳିତ ଜାତିସଂଘର ବିଶ୍ୱ ଜନସଂଖ୍ୟା ପାଣ୍ଠି (ଡ଼ବ୍ଲୁ.ପି.ଏଫ୍)ର ଚେତାବନୀ ଅନୁସାରେ ପୁରୁଷ-ମହିଳା ସନ୍ତୁଳନରେ ଭାରତ ସବୁଠାରୁ ଦୁର୍ବଳ ରାଷ୍ଟ୍ର। ଯଦି କନ୍ୟା ସନ୍ତାନ ସଂଖ୍ୟା ଏହିପରି ହ୍ରାସ ପାଏ, ତା'ହେଲେ ଭାରତରେ ଭବିଷ୍ୟତରେ ଏକ ସାମାଜିକ ସଂକଟ ଦେଖାଯିବ, ହୁଏତ ଏଥିପାଇଁ ୨୫ଭାଗ ଯୁବକଙ୍କ ପାଇଁ ପାତ୍ରୀ ମିଳିନପାରେ। ଏବେ ତ ଏହି କାରଣରୁ ହରିଆଣା, ରାଜସ୍ଥାନ ଓ ଉତ୍ତରପ୍ରଦେଶ ଇତ୍ୟାଦିରେ ବିବାହ ପାଇଁ ପାତ୍ରୀ ସଂକଟ ଉତ୍ପନ୍ନ ହୋଇଗଲାଣି। ଏପରି କନ୍ୟା ସଂକଟ ଘଟିବାର ଏକ ମୁଖ୍ୟ କାରଣ ଏହି ଯେ, ଯୌତୁକଜନିତ ଆର୍ଥିକ ଦଣ୍ଡରୁ ମୁକ୍ତି ପାଇଁ କନ୍ୟା ଭୃଣହତ୍ୟା । ଦୁଃଖ ଯେ, ଏହାକୁ ଏଡ଼ାଇବା ପାଇଁ ଯୌତୁକ ନିରୋଧ ଆଇନ୍, ଭୃଣହତ୍ୟା ନିଷେଧ ଆଇନ୍, ପିତାମାତାଙ୍କ ସଂପତ୍ତିରେ ପୁତ୍ରପରି କନ୍ୟାର ସମାନ ଅଧିକାର ଆଇନ୍ ଇତ୍ୟାଦି ଥାଇ ସୁଦ୍ଧା 'ଯଥା ପୂର୍ବଂ ତଥା ପରଂ' ନ୍ୟାୟରେ ସବୁକିଛି ଚାଲିଛି।

କେବଳ ଭାରତରେ ନୁହେଁ, ବିଶ୍ୱର ଅନେକ ରାଷ୍ଟ୍ରରେ ମହିଳାଙ୍କ ସ୍ଥିତି ଏପରି ଦୟନୀୟ ଅବସ୍ଥାରେ ଅଛି। କନ୍ୟାଭୃଣ ହତ୍ୟାରୋକିବା, ଲିଙ୍ଗଗତ ବୈଷମ୍ୟ ଦୂରେଇବା, ଶିଶୁକନ୍ୟାଙ୍କ ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ, ଆଇନ୍‌ଗତ ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ବିରୁଦ୍ଧରେ ଦେଖା ଓ ଲିଙ୍ଗଗତ ବୈଷମ୍ୟ, ହିଂସା, ବାଲ୍ୟବିବାହ ପ୍ରଥା ରୋକିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୧୧ ଅକ୍ଟୋବରକୁ ଆନ୍ତର୍ଜାତିକ କନ୍ୟା ଶିଶୁ ଦିବସ ରୂପେ ୨୦୧୨ଠାରୁ ପାଳିତ ହେଉଛି। ଏହି ଅବସରର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ଆସନ୍ତୁ ଲିଙ୍ଗଗତ ପାର୍ଥକ୍ୟ ଭୁଲିଯିବା। କନ୍ୟାଟିଏ ନୁହେଁ, ଆଗାମୀ କାଲିର ଈଶ୍ୱରୀଙ୍କ ସ୍ଥିତି ପାଇଁ ଯତ୍ନବାନ ହେବା।

# ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସର ରାଜ୍ୟସ୍ତରୀୟ କନ୍‌ଭେନସନ ରାଉରକେଲାରେ ଆୟୋଜିତ

ରାଉରକେଲା (ପିଏନ୍): ପ୍ରଦେଶ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ପକ୍ଷରୁ ରାଉରକେଲା ସ୍ଥିତ ଶୁଭମ ହୋଟେଲ ଠାରେ ଏକ ରାଜ୍ୟସ୍ତରୀୟ କନ୍‌ଭେନସନ ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏହି କନ୍‌ଭେନସନକୁ ରାଷ୍ଟ୍ରୀୟ ଅଧକ୍ଷ ଡ. ଉଦିତ ରାଜ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଳି ଜ୍ଞାପନ କରି ପ୍ରଦୀପ ପ୍ରଜ୍ୱଳନ ସହ ଆନୁଷ୍ଠାନିକ ଉଦ୍‌ଘାଟନ କରି କହିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ଦେଶରେ ଦେଖା ଦେଇଥିବା ସଂକଟ ପାଇଁ କେନ୍ଦ୍ରର ମୋଦି ସରକାର ଦାୟୀ ହେବା ସହିତ ଜାତିଆମ ଓ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିବା ନିମତେ ଦେଶରେ ଦରଦାମ୍ ବୃଦ୍ଧି, ବେକାରୀ, ବେରୋଜଗାରୀ, ଶିଳ୍ପର ଘରୋଇକରଣ, ଦେଶର ଜାତୀୟ ସମ୍ପତ୍ତିକୁ ଶାଗମାଛ ଦରରେ ବିକ୍ରି କରିବା ପ୍ରୟାସକୁ ଅଖିଳ ଭାରତ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ଆଗାମୀ ଦିନରେ ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟ' ବ୍ୟାପକ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ । ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଗତ ସେପ୍ଟେମ୍ବର ୭ ତାରିଖରୁ କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟ' ୧୫୦ ଦିନ ଧରି ଆରମ୍ଭ ହୋଇଥିବା ଭାରତ ଯୋଡ ଯାତ୍ରାକୁ ସମର୍ଥନ କରି ଆସନ୍ତା ଅକ୍ଟୋବର ୩୧ ତାରିଖରେ ଭୁବନେଶ୍ୱର ଠାରୁ ଆରମ୍ଭ ହେବାକୁ ଯାଉଥିବା ୨ ହଜାର କିଲୋମିଟର ବ୍ୟାପୀ ଏହି ପଦଯାତ୍ରାରେ ସମସ୍ତ ଜିଲ୍ଲା କମିଟିମାନେ ବ୍ୟାପକ ସଂଖ୍ୟାରେ ପ୍ରଚାର ପ୍ରସାର କରିବା ସହିତ ଏହି ଯାତ୍ରାରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ରାଜ୍ୟସ୍ତରୀୟ କନ୍‌ଭେନସନରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । ଏହା ପୂର୍ବରୁ ରାଉରକେଲା ହାଉସ୍ ଏକ ବିଶାଳ ମୋଟର ସାଇକେଲ୍ ଶୋଭାଯାତ୍ରାରେ ରାଷ୍ଟ୍ରୀୟ ଅଧକ୍ଷ ଡ.ଉଦିତରାଜଙ୍କ ସହିତ ଆସିଥିବା ରାଷ୍ଟ୍ରୀୟ ଉପାଧକ୍ଷ ସୟ ଗାବା, ରାଷ୍ଟ୍ରୀୟ ସଚିବ ସି.ଏନ୍. ମୋହୁରିଆ, ଓ ଓଡିଶା ପ୍ରଭାରୀ ଚନ୍ଦ୍ରଲେଖା ପାଣ୍ଡେ ପ୍ରମୁଖଙ୍କୁ ପାଛୋଟି ଆଣିଥିଲେ । ଏହି କନ୍‌ଭେନସନରେ ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ମହାନନ୍ଦ, ଉପାଧକ୍ଷା ଜ୍ୟୋତ୍ସ୍ନା ସେନାପତି ଓ ମାଣିକପ୍ରଭା, ରାଉରକେଲା ଜିଲ୍ଲା କଂଗ୍ରେସ କମିଟିର ସଭାପତି ଦେବବ୍ରତ ବିହାରୀ, ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ରବି ରାୟ, କୈଳାସ ଚନ୍ଦ୍ର ସାହୁ, ନିହାର ଦାସ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ନିର୍ମଳ ସାମଲ, କୃଷ୍ଣଚନ୍ଦ୍ର ସାହୁ, ଭବାନୀ ଜେନା, ଅଜୟ ପାଇକରାୟ, ବିକାଶ ଦାସ, ଭାରତୀବାଳା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ତୃଣମୂଳ ସ୍ତରରୁ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସକୁ ଶକ୍ତିଶାଳୀ କରି ଭାରତୀୟ ଜାତୀୟ କଂଗ୍ରେସର ଶକ୍ତି ବୃଦ୍ଧି କରିବାକୁ ମତ ପ୍ରକାଶ ପାଇଥିଲା ।

# ଆନନ୍ଦ ମାର୍ଗ ଆବାସିକ ବିଦ୍ୟାଳୟରେ ବୃକ୍ଷରୋପଣ ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)- ପବିତ୍ର କୁମାର ପୂର୍ଣ୍ଣିମା ଲକ୍ଷ୍ମୀ ପୂଜା ଅବସରରେ ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଆକିନିଆଠାରେ ଥିବା ଆନନ୍ଦ ମାର୍ଗ ଆବାସିକ ବିଦ୍ୟାଳୟରେ ଖାଦ୍ୟ ବଣ୍ଟନ କରାଯାଇଛି। ଅନୁଷ୍ଠାନର ଅଧକ୍ଷା ସଂଯୁକ୍ତା ରାଣୀ ବେହେରାଙ୍କ ଉପସ୍ଥିତିରେ କର୍ମକର୍ତ୍ତା ତଥା ଯୁବ ସମାଜସେବୀ ଯୁବନେତା ମନୋଜ କୁମାର ଆଚାର୍ଯ୍ୟଙ୍କ ସମେତ ଉମାରାଣୀ ଆଚାର୍ଯ୍ୟ ବିଭିନ୍ନ ପ୍ରସଙ୍ଗ ନେଇ ଆବାସିକ ବିଦ୍ୟାଳୟର ମୁଖ୍ୟ ଡଃ ଭାସ୍କର ଜେନା, ପରୀକ୍ଷିତ ଦାସଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ କିପରି ଭାବରେ ବିଦ୍ୟାଳୟ ତଥା ପିଲାମାନଙ୍କ ରକ୍ଷଣାବେକ୍ଷଣ ଠିକ୍ ଭାବରେ କରିହେବ, ଏ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସାଙ୍ଗକୁ ଆବାସିକ ଛାତ୍ରମାନଙ୍କୁ ଜଳପାନ ପୁଡ଼ିଆ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମର୍ପଣ ଚାରିଟେବୁଲ ଟ୍ରଷ୍ଟର ଅବିନାଶ ପୁଥାଳ, ରଣଜିତ୍ କୁମାର ପୃଷ୍ଟିଙ୍କ ସମେତ ଅନେତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ଦିନରେ ହେବାକୁ ଥିବା ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଅନୁଷ୍ଠାନର ଅଧକ୍ଷା ସଂଯୁକ୍ତା ରାଣୀ ବେହେରା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ।

## ଦ୍ୱନ୍ଦ୍ୱ ଦୂର ପାଇଁ ନିର୍ଦ୍ଦେଶ ହେଉ: ୧୦୦ ଓ ୧୦୧କୁ ନେଇ ଦ୍ୱନ୍ଦ୍ୱରେ ବିଦ୍ୟାର୍ଥୀ

ଭୁବନେଶ୍ୱର (ପିଏନ୍): ଜରୁରୀକାଳୀନ ସେବା ପାଇଁ ବ୍ୟବହାର କରାଯାଉଥିବା ୧୦୦ ଓ ୧୦୧ ନମ୍ବରକୁ ନେଇ ଏବେ ଦ୍ୱନ୍ଦ୍ୱରେ ବିଦ୍ୟାର୍ଥୀ। ଆଉ କାମ କରୁନି ଏହି ନମ୍ବର। କିନ୍ତୁ ସରକାରୀ ଓ କିଛି ବେସରକାରୀ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କୁ ପାଠ ପଢାଯାଉଥିବା 'ଜଣା ଅଜଣା' ବହିରେ ଏ ନେଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ଏହାକୁ ନେଇ ଏବେ ଦ୍ୱନ୍ଦ୍ୱରେ ଶିକ୍ଷକ, ବିଦ୍ୟାର୍ଥୀ ଓ ଅଭିଭାବକ। ସୂଚନାଯୋଗ୍ୟ, ଡ଼ିସେମ୍ବର ୨ ତାରିଖ, ୨୦୨୦ ମସିହାରେ ଆମ ରାଜ୍ୟରେ ଜନସାଧାରଣଙ୍କ ସୁବିଧା ତଥା ତ୍ୱରିତ ସେବା ଯୋଗାଣକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ଜରୁରୀକାଳୀନ ସହାୟତା ନମ୍ବର ଯଥା-୧୦୦, ୧୦୧, ୧୦୨, ୧୦୪, ୧୦୮, ୧୮୧କୁ ଏକତ୍ରିତ କରି ଗୋଟିଏ ନମ୍ବର '୧୧୨' କାର୍ଯ୍ୟକାରୀ କରିଛନ୍ତି। ସେ ପୋଲିସ୍ ସେବା ହେଉ କି ଦମକଳ ସେବା ଇତ୍ୟାଦି ହେଉ। ଅଦ୍ୟାବଧି ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟର କୌଣସି ବିଦ୍ୟାଳୟକୁ ଏ ସମ୍ପର୍କରେ ସାମାନ୍ୟ ସୂଚନାଟିଏ ମଧ୍ୟ ନାହିଁ। ଯଦ୍ଦ୍ୱାରା ବିଦ୍ୟାର୍ଥୀ, ଅଭିଭାବକ ଏବଂ ଶିକ୍ଷକ ପଡୁଛନ୍ତି ଦ୍ୱନ୍ଦ୍ୱରେ। ପରୀକ୍ଷାରେ ଏ ସମ୍ପର୍କିତ ପ୍ରଶ୍ନ ଆସିଲେ, ଏ ସମ୍ପର୍କରେ ଏକ ଘରୋଇ ବିଦ୍ୟାଳୟର ଶିକ୍ଷକ କୁହନ୍ତି ବିଦ୍ୟାର୍ଥୀ ୧୦୦/୧୦୧ ଲେଖିଲେ ଆମେ ନମ୍ବର ଦେଉଛୁ। ୧୧୨ ଲେଖିଲେ ବି ନମ୍ବର ଦେବୁ। ଯେପର୍ଯ୍ୟନ୍ତ ପାଠ୍ୟପୁସ୍ତକ ସଂଶୋଧନ ହୋଇ ଆସିନାହିଁ ଆମେ ବା କ'ଣ କରିପାରିବୁ। ଯଦି କୌଣସି ବିଦ୍ୟାର୍ଥୀର ଏ ନେଇ ନମ୍ବର କାଟିଲୁ ଅଭିଭାବକମାନେ ବିଦ୍ୟାଳୟକୁ ଆସି କାହିଁକି ନମ୍ବର କାଟିଲେ କହି ଆମ ସହିତ ଝଗଡ଼ା କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଏହି ପାଠ୍ୟପୁସ୍ତକରେ ପାଠ ଦ୍ୱିତୀୟ ଭାଗରେ ଶୃଙ୍ଖଳା ପ୍ରହରୀ ଓ ଦମକଳ କେନ୍ଦ୍ର ନାମରେ ରହିଛି ଦୁଇଟି ପ୍ରସଙ୍ଗ। ପ୍ରଥମ ପ୍ରସଙ୍ଗର ପୃଷ୍ଠା ୨୩ରେ ନାଲି ରଙ୍ଗରେ ଉଲ୍ଲେଖ ରହିଛି ପୋଲିସ୍ ଥାନାର ଟେଲିଫୋନ୍ ନମ୍ବର ହେଲା ୧୦୦। ସେହିପରି ଦ୍ୱିତୀୟ ପ୍ରସଙ୍ଗର ପୃଷ୍ଠା ୨୬ରେ ରହିଛି ଦମକଳ କେନ୍ଦ୍ରର ଫୋନ୍ ନମ୍ବର ହେଲା ୧୦୧। ଏ ଦୁଇଟି ନମ୍ବର ଜରୁରୀକାଳୀନ ପୋଲିସ୍ ଓ ଦମକଳ ସେବା ପାଇଁ ଉଦ୍ଦିଷ୍ଟ ବୋଲି ଏହା ହିଁ ଏଠାରେ ଉଲ୍ଲେଖ କରିବାର ଥିଲା। ଏବେ ତ ଏକକ ନମ୍ବର ୧୧୨ ସମ୍ପର୍କରେ ନୂତନ ସଂସ୍କରଣରେ ସ୍ଥାନିତ ହେବା ପର୍ଯ୍ୟନ୍ତ, ଅନ୍ତତଃ ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କୁ ପାଠ୍ୟପୁସ୍ତକରେ ରହିଥିବା ଏ ଦ୍ୱନ୍ଦ୍ୱକୁ ଦୂର କରି ବିଦ୍ୟାର୍ଥୀମାନଙ୍କୁ ଏ ସମ୍ପର୍କରେ ସଚେତନ କରିବା ଲାଗି ଏକ ନିର୍ଦ୍ଦେଶନାମା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଜାରି କରନ୍ତୁ ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ଏହି ମର୍ମରେ ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସମବାୟ ସଂସ୍ଥାମାନଙ୍କରେ ହେଉଥିବା ଦୁର୍ନୀତି ବିରୋଧରେ ଲଢେଇ ଜାରି ରଖିବ ମହାମ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଥିବା ବିଭିନ୍ନ ସମବାୟ ସଂସ୍ଥାରେ ଚାଲିଆସିଥିବା ବିଭିନ୍ନ ଦୁର୍ନୀତି ଓ ବେନିୟମ କାର୍ଯ୍ୟ ବିରୁଦ୍ଧରେ ଓଡ଼ିଶା ସମବାୟ ସମିତି ଓ ଲ୍ୟାମ୍ପସ୍ କର୍ମଚାରୀ ମହାସଂଘ ତା'ର ଲଢେଇ ଜାରି ରଖିଛି ଓ ଆଗାମୀ ଦିନରେ ଜାରି ରଖିବ ବୋଲି ମହାମ ତରଫରୁ କୁହାଯାଇଛି । ଏହାର ଉଦାହରଣ ଦେଇ ମହାମ ର ସାଧାରଣ ସମ୍ପାଦକ ଦିଗମ୍ବର ନାୟକ କହିଛନ୍ତି ଯେ, ଗତ ୨୦୧୮ ମସିହାରେ କୋରାପୁଟ କ୍ରେଡିଟ୍ କୋଅପରେଟିଭ୍ ବ୍ୟାଙ୍କରେ ବ୍ୟାପକ ଭାବେ ଅର୍ଥ ତୋସାରପାତ, ପ୍ରିୟାପ୍ରୀତି ତୋଷଣ, ବେଆଇନ୍ ନିଯୁକ୍ତି ଓ ପଦୋନ୍ନତି ତଥା ମଣ୍ଡି ଶ୍ରମ ଅର୍ଥ ଚଳୁ ବିରୋଧରେ ବିଭାଗୀୟ କ ୍ତୃପକ୍ଷ ବାରମ୍ବାର ଅବଗତ କରାଇବା ସ ୍ୱ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବାଧହୋଇ କ୍ଷତିଗ୍ରସ୍ତ ପ୍ରଜାମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏହି ଦୁର୍ନୀତି ତତ୍କାଳୀନ ବ୍ୟାଙ୍କ ସଭାପତି, ସମ୍ପାଦକ ଏବଂ ଚାରୋଟି ଲ୍ୟାମ୍ପ ନିର୍ଦ୍ଦେଶକମାନଙ୍କ ଅନ୍ୟାୟ ଓ ଅନୀତି ବିରୁଦ୍ଧରେ କ୍ଷତିଗ୍ରସ୍ତ ଲୋକମାନେ ଉପସ୍ଥାପନ କରିଥିଲେ । ବିଶେଷକରି ମାଲକାନାଗିରି ଜିଲ୍ଲା ଆଦିବାସୀ ସମାଜ ତରଫରୁ ହାଇକୋର୍ଟରେ ଯେଉଁ ରିଟ୍ ପିଟିସନ୍ ଦାଖଲ କରାଯାଇଥିଲା, ମାନ୍ୟବର ଉଚ୍ଚନ୍ୟାୟାଳୟ ଗତ ୪.୩.୨୦୨୩ରେ ଶୁଣାଣି କରି ଏହାର ଗୁରୁତ୍ୱ ଉପଲବ୍ଧି କରିଥିଲେ ଏବଂ ଏହାକୁ ଲୋକାୟୁକ୍ତଙ୍କ ପାଖରେ ପିଟିସନ୍ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ମହାମ ତରଫରୁ ସମ୍ପୂର୍ଣ୍ଣ ସହଯୋଗ କରାଯାଇଥିଲା । ଯାହାଫଳରେ ମାଲକାନାଗିରି ଜିଲ୍ଲା ଆଦିବାସୀ ସଂଘ ତରଫରୁ ଆମକୁ କୃତଜ୍ଞତା ଜଣାଇଥିଲା ଏବଂ ମାନ୍ୟବର ଲୋକାୟୁକ୍ତ ଏହାର ବିଚାର ପାଇଁ ୧୧.୦୩.୨୦୨୪ରେ ତାରିଖ ଧାର୍ଯ୍ୟ କରିଥିବାରୁ ଆମେ ମହାମ ତରଫରୁ ସନ୍ତୋଷ ପ୍ରକାଶ କରିଅଛୁ । ଏହିଭଳି ଲଢେଇ ଆଗାମୀ ଦିନରେ ରାଜ୍ୟର ଯେକୌଣସି ଜିଲ୍ଲାରୁ ସମବାୟ ସଂସ୍ଥା ଦୁର୍ନୀତି ବିରୋଧରେ ସ୍ୱର ଉ ୋଳନ କରୁଥିବା ଲୋକମାନଙ୍କୁ ମହାମ ତରଫରୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ନିଷ୍ପ ି ନିଆଯାଇଛି ।

# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଲେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ



## ବିଶ୍ୱ ଘରଚଟିଆ ଦିବସ ପାଳିତ, ଚଟିଆଙ୍କ ସୁରକ୍ଷା ପାଇଁ ଆଲୋଚନା ଓ ସଚେତନତା



ପାରଳାଖେମୁଣ୍ଡି,(ପି.ଏନ): କଞ୍ଚଣା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଚଟିଆମାନଙ୍କ ସୁରକ୍ଷା ଓ ଚଟିଆଙ୍କ ବଂଶ ବୃଦ୍ଧି ପାଇଁ ବିସ୍ତୃତ ଆଲୋଚନା ଓ ସଚେତନତା କରାଯାଇଛି. ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଭୂତି ଭୂଷଣ ଭୋଇଙ୍କ ସଭାପତିତ୍ୱରେ ଇକୋକ୍ଲବ ଓ ଜୁନିଅର ରେଡକ୍ରସ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଘରଚଟିଆ ସହ ପ୍ରକୃତିର ସମ୍ପର୍କ ବିଷୟରେ ବିଶଦ ଭାବେ ଆଲୋକପାତ କରାଯାଇଥିଲା । ଘରେ ରହିବାକୁ ପସନ୍ଦ କରୁଥିବା ଘରଚଟିଆ ଏବେ ବାସହରା ହୋଇଯାଇଛି । ସିମେଣ୍ଟ କଂକ୍ରିଟରେ ନିର୍ମିତ କୋଠାବାଡ଼ି ଥିବା ଗାଁ ଆଉ ସହର ପରିବେଶ ଭିତରେ ଏମାନେ ନିଜକୁ ଖାପଖୁଆଇ ଚଳିବା କଷ୍ଟକର ହୋଇପଡିଛି ଯାହାଫଳରେ ସେମାନଙ୍କର ବଂଶ ଲୋପ ପାଇବାକୁ ବସିଲାଣି । ଏହି ଅବସରରେ ଘରଚଟିଆ ମାନଙ୍କର ସୁରକ୍ଷା ନିମନ୍ତେ ଛାତ୍ରଛାତ୍ରୀ ମାନଙ୍କୁ କୃତ୍ରିମ ବସା, ଖାଦ୍ୟସ୍ଥଳୀ, ପାଣିପାତ୍ର ବଣ୍ଟନ କରାଯାଇଥିଲା । ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଗଛ ଲଗାଇବା ପାଇଁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ସହିତ ମମତା ପଣ୍ଡା, ସାହିଦା ବେଗମ, ମଧୁଛନ୍ଦା ଜେନା, ସୁକାନ୍ତ ମହାପାତ୍ର, ଯୋସ୍ନାବାଳା ସେନାପତି, ଲକ୍ଷ୍ମଣ ସାହୁ, ପ୍ରମୀତା ଦାସ, ମନୋଜ କୁମାର ସ୍ୱାଇଁ, ନମିତା ପ୍ରିୟଦର୍ଶିନୀ ଜେନା, କବିତା ବେହେରା, ଗଗନ ବିହାରୀ ସାସମଲ, ବିନାୟକ ସାହାଣୀ ଆଦି ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ବିଦ୍ୟାଳୟର ରେଡକ୍ରସ୍ ଦାୟିତ୍ୱରେ ଥିବା କାଉନସିଲର ନିରଞ୍ଜନ ବିଶ୍ୱାଳ ସମ୍ପୂର୍ଣ୍ଣ ଭାବେ ସଂଯୋଜନା ଓ ପରିଚାଳନା କରିଥିଲେ ।

## ଜେଏସପି ପକ୍ଷରୁ ପରିବେଶୀୟ ସଚେତନତା କାର୍ଯ୍ୟକ୍ରମ 'ଅର୍ଥ ଆୱାର' ପାଳିତ

ଅନୁଗୁଳ,(ପି.ଏନ): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ପରିବେଶୀୟ ସଚେତନତା କାର୍ଯ୍ୟକ୍ରମ 'ଅର୍ଥ ଆୱାର -୨୦୨୪' ଅନୁଗୁଳ କମ୍ପାନୀ ପରିସରରେ ଉତ୍ସାହ ର ସହ ପାଳିତ ହୋଇଯାଇଛି । ଅନୁଗୁଳ ୟୁନିଟ ର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପଙ୍କଜ ମଲହାନ,ନିର୍ବାହୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦାମୋଦର ମିତ୍ତଲ ଜିନ୍ଦଲ ନଗର ବାସିନ୍ଦା ଏବଂ ଅନ୍ୟାନ୍ୟ ଗୋଷ୍ଠୀ ସମୁଦାୟ ଙ୍କୁ ନେଇ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ବିଶ୍ୱ ପରିବେଶ ର ସୁରକ୍ଷା ନେଇ ଜନ ସଚେତନତା ସୃଷ୍ଟି ଲକ୍ଷ୍ୟରେ ସନ୍ଧ୍ୟା ୮:୩୦ ମିନିଟ ରୁ ରାତି ୯:୩୦ ମିନିଟ ପର୍ଯ୍ୟନ୍ତ ଜିନ୍ଦଲ ନଗର ର ସମସ୍ତ ବିଜୁଳି ଆଲୋକ କୁ ବନ୍ଦ ରଖା ଯାଇଥିଲା ଏବଂ ପରିବେଶ ସୁରକ୍ଷା କର୍ମୀମାନେ ହାତରେ ମହମ୍ବତୀ ଧରି ଦିବ୍ୟ ସରୋବର ଠାରୁ ଦେବ ଭୂମିଁ ପର୍ଯ୍ୟନ୍ତ ଯାଇଥିଲେ ।ଏହି କାର୍ଯ୍ୟକ୍ରମରେ ଛୋଟ ଛୋଟ ପିଲାମାନେ ଅତ୍ୟନ୍ତ ଉତ୍ସାହର ର ସହ ଭାଗ ନେଇ ପରିବେଶ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ସେମାନେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ହେତୁ ପୃଥିବୀ କୁ ଦେଖା ଦେଉଥିବା ବିପଦ ଏବଂ ଏହାର ସୁରକ୍ଷା ନେଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଆୟୋଜକ ଙ୍କ ପକ୍ଷରୁ ପିଲାମାନଙ୍କ ମଧ୍ୟରେ ଏକ ସ୍ପଟ କ୍ୱିଜ ପ୍ରତିଯୋଗିତା ଆୟୋଜନ କରାଯାଇ ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା

## ଗଜପତିରେ ଜଙ୍ଗଲୀ ବାଘୁଆ ମହୁମାଛି ଆକ୍ରମଣରେ ୧୪ ଆହତ



ପାରଳାଖେମୁଣ୍ଡି,(ପି.ଏନ): ଜଙ୍ଗଲୀ ବାଘୁଆ ମହୁମାଛି ଆକ୍ରମଣରେ ୧୪ ଜଣ ଆହତ ହୋଇଛନ୍ତି ଓ ଗଜପତି ଜିଲ୍ଲା ମୋହନା ବ୍ଲକ ଖାରିମେରା ଗ୍ରାମରେ ଘଟିଛି ଏଭଳି ଘଟଣା ଓ ଗ୍ରାମବାସୀମାନେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚନା ଦେଇ କହିଛନ୍ତିଯେ, ଶନିବାର ସକାଳେ ଗ୍ରାମର ମର କିଛି ଲୋକ ବଗଡ଼ ସଫା । କରିବା ବା ପାଇଁ ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଯାଇଥିଲେ । ସେଠାରେ ରୋଷେଇ କରିବା ପାଇଁ ଏକ ଗଛ ମୂଳରେ ନିଆଁ ଲଗାଇବା ବେଳେ ଗଛରେ ବସା ବାନ୍ଧିଥିବା ଜଙ୍ଗଲୀ ବାଘୁଆ ମହୁମାଛି ସମସ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା । ଗ୍ରାମବାସୀ ଆହତଙ୍କୁ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଆହତଙ୍କ ସ୍ୱାସ୍ଥ୍ୟଅବସ୍ଥା ସ୍ଥିର ଥିବା ଡା.ଅନୁପମା ପାଢ଼ୀ ସୂଚନା ଦେଇଛନ୍ତି । ବର୍ତ୍ତମାନ ଖରତ୍ ଆରମ୍ଭ ହେଉଥିବା ବେଳେ ଜଙ୍ଗଲ ଫୁଲ ମଧ୍ୟରେ ର ନିଆଁ ଲାଗିଲେ କିମ୍ବା ତାପମାତ୍ରା ବୃଦ୍ଧି ପାଇଲେ ମହୁମାଛି ବନା ବୃଦ୍ଧି ପାଇବାର ଆଶଙ୍କା ଆକ୍ରମଣ ସମ୍ଭାବନା ରହିଛି, ତେଣୁ ଲୋକେ ଲାକେ ଏଥିପ୍ରତି ନିଜେ ଯତ୍ନବାନ ହେବା ନିହାତି ଆବଶ୍ୟକ ବୋଲି କୁହାଯାଇଛି ।

## ନିର୍ବାଚନ ପରିଚାଳନା ନେଇ ସେକ୍ଟର ଅଫିସର ଓ ସେକ୍ଟର ପୋଲିସ ଅଫିସରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ମାଲକାନଗିରି ,(ପି.ଏନ): ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନର ମାର୍ଗଦର୍ଶିକା ଜାରି କରିଛନ୍ତି । ଏହି ଆଧାରରେ ନିର୍ବାଚନ ପରିଚାଳିତ ହୋଇଥାଏ । ତେଣୁ ପ୍ରଶିକ୍ଷଣକୁ ଗୁରୁତ୍ୱ ପ୍ରଦାନ କରି ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ନିୟମ ଜାଣିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସଚିନ ପାୱାର ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି କ୍ଷେତ୍ରରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତଙ୍କୁ ସତର୍କ କରାଇ ଦେଇଛନ୍ତି । ଆଗାମୀ ସାଧାରଣ ନିର୍ବାଚନ ୨୦୨୪କୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସେକ୍ଟର ଅଫିସର ଓ ସେକ୍ଟର ପୋଲିସ ଅଫିସରଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ପାୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ, ରାମଚନ୍ଦ୍ର ଖଡ଼ିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ତପନ କୁମାର ରଥ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଅତିରିକ୍ତ ଉପ ଜିଲ୍ଲାପାଳ, ଜଗେଶ୍ୱର ନାଏକ ଉପସ୍ଥିତ ଥିଲେ । ପ୍ରଶିକ୍ଷଣ ପରେ ନିର୍ବାଚନ ପାଇଁ ନିୟୋଜିତ ସେକ୍ଟର ଅଧିକାରୀ ଓ ସେକ୍ଟର ପୋଲିସ ଅଧିକାରୀ ନିଜ ଦାୟିତ୍ୱକୁ ଭଲ ଭାବେ ବୁଝି ନିଜ ନିଜ ପରିସରର ବୁଥ ଗୁଡ଼ିକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରିବା, ବୁଥ ମାନଙ୍କରେ ନିର୍ବାଚନ କମିଶନରଙ୍କ ମାର୍ଗଦର୍ଶିକା ଅନୁସାରେ ସର୍ବନିମ୍ନ ସୁବିଧା ଯଥା ପାନୀୟ ଜଳ, ରାମ୍ପ, ବିଦ୍ୟୁତ୍ ବ୍ୟବସ୍ଥା , ଶୌଚାଳୟ ଇତ୍ୟାଦି ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେକ୍ଟର ଅଫିସର ମାନେ ନିର୍ବାଚନ ବ୍ୟବସ୍ଥା ସମ୍ପର୍କରେ ସଂପୂର୍ଣ୍ଣ ଅବଗତ ହୋଇ ତାଙ୍କ ଅଧୀନରେ ଥିବା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ ମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରିବାକୁ ପରାମର୍ଶ ଦିଆଯାଇଥିଲା । ପିପିଟି ମାଧ୍ୟମରେ ବିସ୍ତୃତ ଭାବେ ଭଲନରେବିଲିଟି ମ୍ୟାପିଙ୍ଗ, ବୁଥ ଚିହ୍ନଟିକରଣ, ମତଦାନ କେନ୍ଦ୍ରକୁ ଅନୁଧ୍ୟାନ, କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ , ରାମ୍ପ ଓ ଶୌଚାଳୟ ବ୍ୟବସ୍ଥାକୁ ନିରୀକ୍ଷଣ ସହ ନିର୍ବାଚନ ପୂର୍ବରୁ, ନିର୍ବାଚନ ଦିନ ଏବଂ ନିର୍ବାଚନ ପରବର୍ତ୍ତୀ କାର୍ଯ୍ୟକ୍ରମ ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଚଳିତ ନିର୍ବାଚନ ସ୍ୱତନ୍ତ୍ର ରହିଛି । ଚଳିତ ବର୍ଷ ନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ ଯଦି ଉଭୟ ଲୋକସଭା ଓ ବିଧାନସଭା ନିମନ୍ତେ ଫର୍ମ ୧୨ରେ ଆବେଦନ କରିଥିବେ ତାହେଲେ ସେମାନଙ୍କ ନିମନ୍ତେ ମତଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି । ବୁଥର ୨୦୦ ମିଟର ପରିମିତ ଅଂଚଳରେ ଆଦର୍ଶ ଆଚରଣ ବିଧି ଯେପରି ଉଲଙ୍ଘନ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି । ଆଜିର ଏହି ପ୍ରଶିକ୍ଷଣରେ ୧୧୦ ଜଣ ସେକ୍ଟର ଅଫିସର ଓ ୧୧୦ ଜଣ ସେକ୍ଟର ପୋଲିସ ଅଫିସର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଡିଏଲଏମଟି, ବିଡ଼ିଓ ଓ ତହସିଲଦାର ଉପସ୍ଥିତ ଥିଲେ ।

## ରାଜ୍ୟରେ ୧୦୦ ଦିନରେ ପେସା ଆଇନ୍ ଲାଗୁ କରାଯିବ : କଂଗ୍ରେସ ଅନୁସୂଚିତ ଜାତି ବିଭାଗ




ଭୁବନେଶ୍ୱର,(ପି.ଏନ): କଂଗ୍ରେସ ରାଜ୍ୟରେ ସରକାର ଗଢ଼ିଲେ, ରାଜ୍ୟରେ ଥିବା ସମସ୍ତ ଭୂମିହୀନ ଦଳିତ ଓ ଆଦିବାସୀମାନଙ୍କୁ ଜମି ଯୋଗାଇଦେବା ସହିତ ବାସଗୃହ ମଧ୍ୟ ଯୋଗାଇଦିଆଯିବ । ଆବଶ୍ୟକସ୍ଥଳେ ସରକାର ଆର୍ଥିକ ଅନଗ୍ରସର ପରିବାର ପାଇଁ ଜମି କିଣି ଯୋଗାଇଦେବେ । ଅନୁସୂଚିତ ଜାତି ବର୍ଗର ଲୋକମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନର କମିଶନ ଗଠନ କରାଯିବ । ଆର୍ଥିକ ବିକାଶ ପାଇଁ ଅନୁସୂଚିତ ଜାତି ଅର୍ଥ ନିଗମକୁ କ୍ରିୟାଶିଳ କରାଯାଇ, ଋଣ ପ୍ରଦାନ ସୁବିଧା କରାଯିବ ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରା ସୂଚନା ଦେଇଛନ୍ତି । ସରକାର ଗଢ଼ିବାର ୧୦୦ ଦିନ ମଧ୍ୟରେ ପେସା ଆଇନ୍‌ର ନିୟମ ପ୍ରଣୟନ କରାଯାଇ ଲାଗୁ କରାଯିବ । ୧୦୦ଦିନ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କନାମରେ ୫ବର୍ଷରୁ ଉର୍ଦ୍ଧ୍ୱ ପଡ଼ି ରହିଥିବା ସମସ୍ତ ଫୌଜଦାରୀ ମକଦ୍ଦମା ଓ ଜମିଜମା ମକଦ୍ଦମାକୁ ପ୍ରତ୍ୟାହାର କରିନିଆଯିବ । ସମସ୍ତ ଆଦିବାସି ଗୋଷ୍ଠି ଓ ପରିବାରକୁ ଜଙ୍ଗଲ, ଜମି ଅଧିକାର ପ୍ରଦାନ କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି । ପ୍ରତ୍ୟେକ ଗ୍ରାମକୁ ନିଶାମୁକ୍ତ ହେବାର ପ୍ରମାଣ ମିଳିଲେ ସେହି ଗାଁଟି ପୁରସ୍କୃତ ହେବା ସହିତ ଗ୍ରାମ୍ୟ କମିଟିର ଇଚ୍ଛା ମୁତାବକ ସେହି ଗାଁରେ ବର୍ଷକୁ ୧୦ଲକ୍ଷ ଟଙ୍କା ଗ୍ରାମର ବିକାଶ ପାଇଁ ଖର୍ଚ୍ଚ ହେବ । ପ୍ରତି ମହିଳାମାନଙ୍କୁ ବର୍ଷକୁ ୧ଲକ୍ଷ ଟଙ୍କା ଦିଆଯିବ । ବେକାର ଦଳିତ ଆଦିବାସୀ ଯୁବକ ଯୁବତୀଙ୍କୁ ମାସିକ ୩୦୦୦ ହଜାର ଟଙ୍କା ଭତା ପ୍ରଦାନ କରାଯିବ । ଗୃହଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଦଳିତ ଓ ଆଦିବାସୀ ଘରର ମୁଖ୍ୟ ମହିଳାଙ୍କୁ ମାସିକ ଭତା ୩୦୦୦ ଟଙ୍କା ପ୍ରଦାନ କରାଯିବ । ଅନୁସୂଚିତ ଜାତି ଜନଜାତି ପାଇଁ ଉଦ୍ଦିଷ୍ଟ ଖାଲି ପଡ଼ିଥିବା ସରକାରୀ ଚାକିରୀ ପଦବୀ ଗୁଡିକୁ ସ୍ୱତନ୍ତ୍ର ନିଯୁକ୍ତି କାର୍ଯ୍ୟକ୍ରମ ଜରିଆରେ ପୂରଣ କରାଯିବ । ଦଳିତ ଆଦିବାସୀମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇବା ସହିତ ଶିକ୍ଷା କ୍ଷେତ୍ରରେ ଓ ଚାକିରୀ କ୍ଷେତ୍ରରେ ଆର୍ଥିକ ବିକାଶ ଦିଗରେ କଂଗ୍ରେସ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦେବ ବୋଲି ଆଜି ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରା, ପୂର୍ବତନ ସାଂସଦ ନକୁଳ ନାଏକ, ଅଖିଳ ଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି । କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାର ଶାସନ ସମୟରେ ଅନୁସୂଚିତ ଜାତି ବର୍ଗର ଲୋକମାନଙ୍କୁ ମୌଳିକ ସୁବିଧା ଦେବାକୁ ଅସମର୍ଥ ହୋଇଥିବାବେଳେ ସାମ୍ବିଧାନିକ ଅଧିକାରକୁ ମଧ୍ୟ କ୍ଷୁର୍ଣ୍ଣ କରିଛନ୍ତି । ସାମାଜିକ ସୁରକ୍ଷା ଦେବାରେ ବିଫଳ, ନାରି ନିର୍ଯ୍ୟାତନା, ଧର୍ଷଣ ଓ ହତ୍ୟା କ୍ଷେତ୍ରରେ ଓଡ଼ିଶା ସର୍ବାଗ୍ରେ ରହିଛି । ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ସଂଖ୍ୟାନୁଭିତିକ ସଂରକ୍ଷଣ ନଦେବା, ପେଷା ଆଇନ୍ ଲାଗୁ ନକରିବା, ରାଜ୍ୟ ଡି.ଏମ୍.ଏଫ୍. ପାଣ୍ଠିରୁ ଆବଶ୍ୟକୀୟ ଅର୍ଥ ଅନୁସୂଚିତ ଜାତି ଜନଜାତିଙ୍କ ବିକାଶ ପାଇଁ ଖର୍ଚ୍ଚ କରାନଯିବା, ବେକାର ଦଳିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଯୋଗାଇ ନଦେଇ ବେକାରୀ ସମସ୍ୟାକୁ ବୃଦ୍ଧି କରିବା ସହିତ ସେମାନଙ୍କୁ ଆର୍ଥିକ ଦୁରବସ୍ଥାକୁ ଠେଲି ଦେଇଛନ୍ତି ଓ ସେମାନଙ୍କୁ ସାମ୍ବିଧାନିକ ଅଧିକାରରୁ ସରକାର ବଂଚିତ କରୁଛନ୍ତି ବୋଲି ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବେହେରା ଅଭିଯୋଗ କରିଥିଲେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାସ ଓ ପିସିସି ସାମାଜିକ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅମୀୟ ପାଣ୍ଡବ ଉପସ୍ଥିତ ଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray